
ପ୍ରତିପୁସ୍ତକର ମଲାଟରେ ଗ୍ରନ୍ଥକାରଙ୍କ ନାମର ମୋହର ଦିଆଯାଇଅଛି ।

ବର୍ଣ୍ଣବୋଧ ।

ଶ୍ରୀ ମଧୁସୂଦନ ରାଓ ପ୍ରଣୀତ ।

ଅଷ୍ଟମ ସଂସ୍କରଣ ।




PRINTED BY B. P. DAN,
AT THE ARUNODAY PRESS,
CUTTACK.
1901.

ମୂଲ୍ୟ ଦେଢ଼ଅଣା ।



ସ୍ୱରବର୍ଣ୍ଣ ।

ଅ	ଆ	ଇ	ଈ	ଉ	ଊ
ଋ	ଌ	ଏ	ଐ	ଓ	ଔ



ପରୀକ୍ଷା ।

ଅ	ଏ	ଋ	ଇ	ଓ	ଌ
ଐ	ଊ	ଔ	ଆ	ଉ	ଈ

ବ୍ୟଞ୍ଜନବର୍ଣ୍ଣ ।

କ	ଖ	ଗ	ଘ	ଙ
ଚ	ଛ	ଜ	ଝ	ଞ
ଟ	ଠ	ଡ	ଢ	ଣ
ତ	ଥ	ଦ	ଧ	ନ
ପ	ଫ	ବ	ଭ	ମ

ଯ	ର	ଲ	ଵ
ଶ	ଷ	ସ	ହ
ଡ଼	ଢ଼	ୟ	ଳ

ଂ	ଃ	ଁ

ପରୀକ୍ଷା ।

ଙ	ଡ	ଟ	ଢ	ପ
ଫ	ଥ	ଠ	ଛ	ଞ
ଗ	ଜ	ତ	ଦ	ବ
ଭ	ଧ	ଓ	ଝ	ଘ
ଔ	ଈ	ଣ	ନ	ମ
ଯ	ଶ	ର	ସ	ଡ଼
ହ	ଳ	ଚ	ଷ	ଢ଼
ଲ	ଋ	ଂ	ଁ	ଃ



ଅଖ	ଈଶ	ଋଣ	ଐୟଣ
ଆଣ	ଉଇ	ଌଠ	ଓଠ
ଇହ	ଊନ	ଏକ	ଔଷଧ



କର	ଜଳ	ତଟ	ଫଳ	ଲୟ
ଖଟ	ଝର	ଥର	ବଡ	ବଶ
ଗଛ	ଘର	ଦଶ	ଭୟ	ଶର
ଘଟ	ଠକ	ଧର	ମନ	ଚଷ
ଚକ	ଡର	ନବ	ଯଶ	ସଜ
ଛଣ	ଢଗ	ପଣ	ରସ	ହଳ

ଅଳସ	ଦଶମ	ସହଜ	ଶୟନ
ଆସନ	ଶକଟ	ସରଳ	ସମୟ
କଳସ	ରଜକ	ସଳଖ	ସରସ
ବସନ	ରଜତ	ସକଳ	ଔରସ



ବରଗଛ । ଅଖଅଣ । ଚକ ରଖ । ଛଗ କନ୍ଧ ।
ଶଠ ଜନ । ପଥର ଘର । ଶୟନ କର । କଳସ ଧର ।
ଅଠବରଷବୟସ । ଦଶଗଛ ପଣସ । ଶତଦଳସରସ ।

ଅକାର ବନା ।


କ	ଆ	କା	ଚ	ଆ	ଚା
ଖ	ଆ	ଖା	ଛ	ଆ	ଛା
ଗ	ଆ	ଗା	ଜ	ଆ	ଜା
ଘ	ଆ	ଘା	ଝ	ଆ	ଝା ।

ଟା ଠା ଡା ଢା ଣା ତା ଥା ଦା
ଧା ନା ପା ଫା ବା ଭା ମା ଯା
ରା ଲା ଶା ଷା ସା ହା


କାଉ	ଗୃଷ	ଦୟା	ଦାତା	ତାରା
ଗାଈ	ବାସ	ମାୟା	ମାତା	ଧାରା
ବାଟ	ବାର	ସଭା	ନାଶ	ଭାଷା
ଘାଟ	ମାସ	ଶାଖା	କାଶ	ରାଜା

ଭସନା	ସାଧନା	ପାଷାଣ	ସମାନ	ଶାସନ
ବାସନା	ଯାତନା	ସାହସ	ସକାଳ	କାରଣ



ମାଛ ଭାସଇ ।	ଜାହାଜ ଆସଇ ।
କଳାଛତା ଧର ।	ଧାନ ଗୃଷକର ।
ଯାଦବ ବସଇ ।	ମାଧବ ହସଇ ।
ଆକାଶର ତାରା ।	ବରଷାର ଧାରା ।
ପାହାଡ଼ର ତଳ ।	ଭଲ ଝରର ଜଳ ।
ହିମାଭାଇ ରାମ ।	ଉଷାଭାଇ ଶାମ ।




ହ୍ରସ୍ୱ ଇକାର ବନା ।

କ	ଇ	କି	ଚ	ଇ	ଚି
ଖ	ଇ	ଖି	ଛ	ଇ	ଛି
ଗ	ଇ	ଗି	ଜ	ଇ	ଜି
ଘ	ଇ	ଘି	ଝ	ଇ	ଝି

ଟି ଠି ଡି ଢି ଣି ତି ଥି ଦି ଧି ନି ପି
ଫି ବି ଭି ମି ଯି ରି ଲି ଶି ଷି ସି ହି ।*

* ଢି, ଠି, ଦି, ଧି, ବି, ଭି, ରି ପ୍ରଭୃତ କ, ଥ, ଦ, ଧ, ବ, ଭ, ର ଏପରି ମଧ୍ୟ ଲେଖାଯାଏ, ଶିକ୍ଷକ ମହାଶୟ ଛାତ୍ରମାନଙ୍କୁ ବୁଝାଇ ଦେବେ ।

ଦିନ	ଶିବ	ଗତି	ମତି	ମଣି
ରାତି	ବିଷ	ଦଧି	ଜାତି	ଖଣି
ହମ	ରବି	ଗିରି	ତିଥି	ହରି
ପାଣି	ଛବି	ନଦୀ	ପତି	ତରି
ହବା	ନିଶା	ଋଷି	ତିଳ	ଲିପି
ଶିଶିର	ଦିବସ	ହରିଣ	ମଳିନ	ବିଷମ
ଅଶନ	କିରଣ	ବାଳିକା	ମହିଷ	କଠିନ
ବିଗୃର	ଅତିଥି	ନିକଟ	ମହିମା	ବଧିର



ହରିଣ ନ ଦିଏ ଧରା ।
ଦଉଡ଼ ନା ବଡ଼ ଖରା ।
ଛତ୍ର ବହି କିଣି ଆଣ ।
ଜଳପାଣି କର ପାନ ।
ହର ଖାଇବାର ନଥ ।
ଭାତ ଡାଲି ଦହି ଘିଅ ।

ଭାଇ ଶିବ ନାରାୟଣ ।
ପଢ଼ ଆଜ୍ଞ ରାମାୟଣ ।
ରାମର ସିତାର ଧର ।
ବଜାଅ ବଜାଅ ହରୁ ।
ରାତି ପାହିଲାଣି ରାବଇ କାଉ ।
ଉଠ ଉଠ ମଠ ନ କର ଆଉ ।

ଦୀର୍ଘ ଈକାର ବନା ।


କ	ଈ	କୀ	ଚ	ଈ	ଚୀ
ଖ	ଈ	ଖୀ	ଛ	ଈ	ଛୀ
ଗ	ଈ	ଗୀ	ଜ	ଈ	ଜୀ
ଘ	ଈ	ଘୀ	ଝ	ଈ	ଝୀ

ଟୀ ଠୀ ଡୀ ଢୀ ଣୀ ତୀ ଥୀ ଦୀ ଧୀ ନୀ ପୀ
ଫୀ ବୀ ଭୀ ମୀ ଯୀ ରୀ ଲୀ ଶୀ ଷୀ ସୀ ହୀ ।



କୀଟ	ନୀଳ	ଦୀନ	ରାଣୀ	ନଦୀ
ଚୀର	ନୀର	ହୀନ	ଗୀତ	ଶଶୀ
ଧୀର	ପୀତ	ଶୀତ	ଦାସୀ	ସୀତା
ତୀର	ବୀର	ମୀନ	ନୀତ	ସତୀ
ଦୀପ	ନାରୀ	ପୀଡ଼ା	ବୀଣା	ଧନୀ
ବୀଜ	ଲୀଳା	ଫଣୀ	ବାଣୀ	ମୀନ

ଶରୀର	ଧୀବର	ଶୀତଳ	ଜନନୀ	ରଜନୀ
ସମୀର	ନବୀନ	ଗମ୍ଭୀର	ଭଗିନୀ	ଧରଣୀ
ଯାମିନୀ	ଅଧୀନ	ଜୀବନ	ରମଣୀ	ତରଣୀ



ପାଇକ ସାଜିଲା, କାହାଳୀ ବାଜିଲା, ହାତୀ ଅଇଲା ଚାଲି ।
ଆସ ଆସ ଭାଇ, ଗୀତ ଗାଇ ଗାଇ, ଯିବା ନଦୀର ବାଲି ।

ହ୍ରସ୍ୱ ଉକାର ବନା ।

କ	ଉ	କୁ	ଚ	ଉ	ଚୁ
ଖ	ଉ	ଖୁ	ଛ	ଉ	ଛୁ
ଗ	ଉ	ଗୁ	ଜ	ଉ	ଜୁ
ଘ	ଉ	ଘୁ	ଝ	ଉ	ଝୁ

ଟୁ ଠୁ ଡୁ ଢୁ ଣୁ ତୁ ଥୁ ଦୁ ଧୁ ନୁ ପୁ ଫୁ ବୁ ଭୁ ମୁ ଯୁ ରୁ ଲୁ ଶୁ ଷୁ ସୁ ହୁ ।

କୁଳ	ଲଘୁ	ଆୟୁ	ଚାରୁ	ସୁଧା
ସୁଖ	ଗୁରୁ	ବାୟୁ	ଭୀରୁ	ବଧୂ
ପୁର	ସରୁ	ପଶୁ	ଚଞ୍ଚୁ	ତନୁ
ମୁଖ	ସାଧୁ	ଶିଶୁ	ଚକ୍ଷୁ	ତୁଷ
ଶୁଭ	ମଧୁ	ରୁଢ	ରିପୁ	ସୁନା
ଗୁଣ	ଯଦୁ	ଶୁଢ	ବନ୍ଧୁ	ବାନ୍ଧୁ

କୁକ୍କୁର	ବକୁଳ	ଯୁବକ	ସୁଶୀଳ	ମାଧୁର୍ଯ୍ୟ
ଅସୁର	ମୁକୁଳ	ପୁରୁଷ	କୁଳୀନ	ଗୃତୁଷୀ
ଚତୁର	କୁସୁମ	କୁଶଳ	ମଧୁର	ମୁରଲୀ



ଭାଲୁଟା ଅନାଉଛି ।
କୁକୁର ଦଉଡ଼ୁ ଅଛି ।
ବିଲୁଆ ବଡ଼ ଚତୁର ।
ପଇଡ଼ ବଡ଼ ମଧୁର ।
ପିମ୍ପଟି ବଡ଼ ଆତୁର ।
ବଉଳଫୁଲର ବାସ ,
ଚନ୍ଦନର ଚଉପାଶ ।
ଦୀପ ଲଗାଇ ଦିଅ ।
ଦୁଇପଲ ଗାଈ ଦିଅ ।

ଦୀର୍ଘ ଊକାର ବନା ।

କ	ଊ	କୂ	ଚ	ଊ	ଚୂ
ଖ	ଊ	ଖୂ	ଛ	ଊ	ଛୂ
ଗ	ଊ	ଗୂ	ଜ	ଊ	ଜୂ
ଘ	ଊ	ଘୂ	ଝ	ଊ	ଝୂ

ଟୂ ଠୂ ଡୂ ଢୂ ଣୂ ତୂ ଥୂ ଦୂ ଧୂ ନୂ ପୂ
ଫୂ ବୂ ଭୂ ମୂ ଯୂ ରୂ ଲୂ ଶୂ ଷୂ ସୂ ହୂ ।

କୂପ	ଦୂତ	ଧୂମ	ପୂଜା	ମୂଳ
ଯୂପ	ଭୂତ	ଭୂମି	ରୂଢ଼ା	ଶୂଳ
ରୂପ	ଗୂଢ଼	ମୂକ	ଯୂଥ	ଶୂର
ଭୂପ	ମୂଢ଼	ଧୂଳି	ଯୂଷ	ଦୂର

ଶୂକର	ଅକୂଳ	ନୂପୁର	ମୂଷିକ	ନୂତନ
ଭୂତଳ	ଦୁକୂଳ	ଭୂଷଣ	ସମୂହ	ମୟୂର

ଆଇଲାଣି ବିଲାଇ ।
ମୂଷା ଯିବ ପଳାଇ ।



ମୟୂର ନାଚଇ । ସପୂର ପାଚଇ । କୂପଜଳ ସୁଶୀତଳ ।
ଦୂରବାଟ । ନୂଆଦ୍ୱାଟ । ନଦୀକୂଳ । ତରୁମୂଳ ।
ନୂତନ ବାଳକ ବାଳକା । କୁମୁଦ କୁସୁମ ମାଳକା ।
ସୁନା ରୂପା ଅଛି ଯାର । ବହୁତ ଭାବନା ତାର ।




ଋକାର ବନା ।

କ	ୃ	କୃ	ଚ	ୃ	ଚୃ
ଖ	ୃ	ଖୃ	ଛ	ୃ	ଛୃ
ଗ	ୃ	ଗୃ	ଜ	ୃ	ଜୃ
ଘ	ୃ	ଘୃ	ଝ	ୃ	ଝୃ

ଟୃ ଠୃ ଡୃ ଢୃ ତୃ ଥୃ ଦୃ ଧୃ ନୃ ପୃ ଫୃ
ବୃ ଭୃ ମୃ ଯୃ ଶୃ ଷୃ ସୃ ହୃ ।

କୃଶ	ମୃଗ	ଗୃଧ୍ର	ତୃଷା	କୃଷି
ବୃଷ	ତୃଣ	ଘୃତ	ବୃଥା	କୃମି
ନୃପତି	ପୃଥିବୀ	ମୃଣାଳ	କୃଷକ	ଶୃଗାଳ
ଈଦୃଶ	କୀଦୃଶ	ସଦୃଶ	ଯାଦୃଶ	ତାଦୃଶ

ଧଳାବୃଷ ବୁଲୁଅଛି । କଳାମୃଗ ଜଳ ପିଉଅଛି । କୃଷକ ଘରଣୀ ଗୃହ ଲିପୁଅଛି । ଗାଈକୁ ତୃଣ ଦିଅ ।




କୃଷିକାର୍ଯ୍ୟ ହିତକାର୍ଯ୍ୟ ଅଟେ ପୃଥିବୀର ।
କୃଷିକର ପାଳୁଅଛି ମାନବ ଶରୀର ।

ଏକାର ବନା ।

କ	ଏ	କେ	ଚ	ଏ	ଚେ
ଖ	ଏ	ଖେ	ଛ	ଏ	ଛେ
ଗ	ଏ	ଗେ	ଜ	ଏ	ଜେ
ଘ	ଏ	ଘେ	ଝ	ଏ	ଝେ

ଟେ ଠେ ଡେ ଢେ ଣେ ତେ ଥେ ଦେ ଧେ ନେ ପେ ଫେ
ବେ ଭେ ମେ ଯେ ରେ ଲେ ଶେ ଷେ ସେ ହେ ।

କେଶ	ମେଷ	ଲେଶ	ରେଣୁ	ସେବା
ବେଶ	ଶେଷ	ଦେଶ	ବେଣୁ	ସେନା
ମେଘ	ରେଖା	ବେଣୀ	ସେତୁ	ଧେନୁ
ତେଜ	ଲେଖା	ଶେଣୀ	ହେତୁ	ମେରୁ
ଆଦେଶ	ସ୍ୱଦେଶ	କେଶବ	କେଶର	ଗଣେଶ
ଅଶେଷ	ବିଶେଷ	ସେବକ	ନିଷେଧ	ସୁରେଶ




ଛେଳକୁଆଣିକି ଦେଖ । ମେଷକୁଆଣିକି ରଖ । ଗାଡ଼ିରେ ଲଗାଅ ଅଖ । ପାକଳବେଲକୁ ଚାଖ । ନଡ଼ିଆତେଲ ଲଗାଅ । କେଶବର ଲୁଗା ମଗାଅ । ଲେଖାପଢ଼ାରେ ଦିଅ ମନ । ହେଳା ନ କର ଶିଶୁଗଣ । ଖେଳା କର ହେ ପଢ଼ା ସାର । ଦେଖିବ ଆସ ଶୁଆ ସାରୀ ।

ଐକାର ବନା ।

କ	ଐ	କୈ	ଚ	ଐ	ଚୈ
ଖ	ଐ	ଖୈ	ଛ	ଐ	ଛୈ
ଗ	ଐ	ଗୈ	ଜ	ଐ	ଜୈ
ଘ	ଐ	ଘୈ	ଝ	ଐ	ଝୈ

ଟୈ ଠୈ ଡୈ ଢୈ ଣୈ ତୈ ଥୈ ଦୈ ଧୈ ନୈ ପୈ ଫୈ
ବୈ ଭୈ ମୈ ଯୈ ରୈ ଲୈ ଶୈ ଷୈ ସୈ ହୈ ।

ତୈଳ	ଦୈବ	ହୈମ	ବୈଧ
ଶୈଳ	ଶୈବ	ନୈଶ	ବୈର
ଶୈଶବ	ସୈକତ	ବୈଶାଖ	ଶୈବାଳ
କୈଳାସ	ସୈନିକ	ଭୈରବ	କୈରବ

ମଥାରେ ତୈଳ ଲଗାଅ । ଛେଳ ଶୈଳ ଉପରେ ଚରୁଅଛି । କୈଳାସର ଶୈଶବକାଳରେ ତାହାର ପିତା ମରଗଲେ । ଭୈରବ ଛତା ଧରଅଛି ।
ବୈଶାଖ ମାସେ ବଡ଼ ଖରା । ଅତି ତପତ ହୁଏ ଧରା ।




ଓକାର ବନା ।

କ	ଓ	କୋ	ଚ	ଓ	ଚୋ
ଖ	ଓ	ଖୋ	ଛ	ଓ	ଛୋ
ଗ	ଓ	ଗୋ	ଜ	ଓ	ଜୋ
ଘ	ଓ	ଘୋ	ଝ	ଓ	ଝୋ

ଟୋ ଠୋ ଡୋ ଢୋ ଣୋ ତୋ ଥୋ ଦୋ ଧୋ ନୋ ପୋ
ଫୋ ବୋ ଭୋ ମୋ ଯୋ ରୋ ଲୋ ବୋ ଶୋ ଷୋ ହୋ ।

ଲୋକ	ରୋଗ	ଦୋଷ	ଯୋଗ	ସୋମ
ଶୋକ	ଭୋଗ	ରୋଷ	ଘୋର	ହୋମ
ଲୋଚନ	କପୋତ	ଗୋକୁଳ	ଯୋଜକ	ଭୋଜନ
ମୋଚନ	କପୋଳ	ଗୋଧୂମ	ମୋଦକ	ରୋଦନ



ଘୋଡ଼ା ଦେଖ । ଭୋଜନ କର । ରୋଦନ କର । ଢୋଲ୍ ବାଜଇ । ସୋମ ମା କୋଳରେ ବସି ଝୁଲୁଅଛି । ରୋଷ ଛାଡ଼ । ମନକୁ ତୋଷ କର । ଗୋଲାପଫୁଲ୍ ନିଅ । ଗୋପାଳ ସୁବୋଧ ବାଳକ ଅଟେ । ଗୋରୁ ଖାଉଅଛି କୋମଳ ଘାସ । ଗୋପୀଜେନା ଚାଷୀ କରୁଛି ଚାଷ ।
ମଧୁର ବିନମ୍ର ବଚନ । କହି ତୋଷିବ ଜନମନ ।

ଔକାର ବନା ।


କ	ଔ	କୌ	ଗ	ଔ	ଗୌ
ଖ	ଔ	ଖୌ	ଘ	ଔ	ଘୌ

ଚୌ ଛୌ ଜୌ ଝୌ ଞୌ ଠୌ ଡୌ ଢୌ ଣୌ ତୌ ଥୌ
ଦୌ ଧୌ ନୌ ପୌ ଫୌ ବୌ ଭୌ ମୌ ଯୌ ରୌ ଲୌ
ଶୌ ଷୌ ସୌ ହୌ ।

ପୌଷ	ସୌଧ	ଗୌର	ସୌଶ	ଲୌହ
ଶୌତ	ଧୌତ	ସୌର	ଗୌରୀ	ନୌକା
ଗୌରବ	କୌତୁକ	ଯୌବନ	କୌଶଲ	କୌରବ
ସୌରଭ	ଯୌତୁକ	ପୌରୁଷ	କୌପୀନ	ପୌରବ

ଢୌଲ କର । ନୌକା ଧର । ଲୌହ ଗୋଟିଏ ଧାତୁ । ସେଥିରୁ ଛୁରୀ, କଟୁରି, ଦାଆ, କୋଡ଼ ଆଦ ହୋଇଅଛି । ନଅ ଗୌଣୀ ଧାନରୁ ଚାରି ଗୌଣୀ ଚାଉଳ ବାହାରିଲା । ଗୌରୀ ବାପଘରୁ ବହୁତ ଯୌତୁକ ଆଣିଅଛି ।

ପୌଷମାସରେ ବଡ଼ ଶୀତ । ସକାଳ ବୁଲା ବଡ଼ ହିତ ।




ବିବିଧ ପାଠ ।

ଶିକ୍ଷା ଘୃଣା ସୀମା ରାଶି କାଶୀ
ଶୋଭା କୃପା ସ୍ନାନ ଯୂଥ ସୁଖୀ

କୋକିଳ ଷୋଡ଼ଶ ମୋହିନୀ ଏକାକୀ ପିପାସା
ଅକୃତ ସୋପାନ ଦୟାଳୁ ମେଧାବୀ ନିଷେଧ

ବର ଗଛ ମହୁ ମାଛି ଧଳା ବୃଷ ଆଷାଢ଼ ମାସ
ଧଳା ଗାଈ ଯୂଈ ଫୁଲ କଳା ମେଘ କୈଳାସ ଗିରି
ହରଣ ଫଳ ନଦୀ କୂଳ ମିଠା ବେଲ କାଉ କୋଇଲି
ଭୂରା ହାତୀ ଗଛ ମୂଳ ସୋରଷ ତେଲ ବଡ଼ କୌତୁକ




ସକାଳ ହେଲାଣି । ଉଠ, ମୁଖ ଧୁଅ । ଶୀତଳ ପବନ ବହୁଅଛି । ବାହାରେ ଟିକିଏ ବୁଲି ଆସ । ବଗିଚାରେ କେତେ ଫୁଲ ଫୁଟିଅଛି ।

ଆହା ଫୁଲ ଉପର ବାସୁଅଛି । କାଉ ବୋବାଉଅଛି । ଘରଚଟିଆ ଏଠାରୁ ଉଡ଼ି ସେଠାରେ ବସୁଅଛି । କଜଳପାତି ଗଛ ଉପରେ ବସି ରାବୁଅଛି । କୋଇଲି କୁ କୁ ଡାକୁଅଛି । ଆସ, ପୋଥି ଘେନ

ପାଠଶାଳାକୁ ଯିବା । ସେଠାରେ ମନ ଦେଇ ପାଠ ପଢ଼ିବା । ଗୁରୁ ଯାହା କହିବେ, ତାହା ମନ ଦେଇ ଶୁଣିବା ।

ବେଳ ବୁଡ଼ଲାଣି । ଗୁରୁ ମେଲାଣି ଦେଲେଣି । ଚାଲ ଘରକୁ ଯିବା । ଘରେ ପୋଥି ଥୋଇଦେଇ ମା ଯାହା ଖାଇବାକୁ ଦେବେ ତାହା ଖାଇବା । ଖାଇ ସାରି ଲୁଚକାଳି ଖେଳିବା । ଖେଳ ସାରିଲେ ବାପା ଯାହା କହିବେ ତାହା କରିବା । ଦିନବେଳେ ଯାହା ପଢ଼ିଥିବା, ସଞ୍ଜରେ ତାହାକୁ ଆଉ ଥରେ ପଢ଼ିବା । ପଢ଼ିସାରି ଭାତ ଖାଇ ଶୋଇବା । ରେବତୀର ଘରେ ଢୋଲ ବାଜୁଅଛି । ଗୌରୀ ପୋଥି ପଢ଼ୁଅଛି ।



ଗାଈ ବାଛୁରୀ ଥସ ଆସ, ଖାଇବ ପରା ଦୁବ ଘାସ ।
ମୋହ ପାଖରେ ଦୁଧ ଛଡ଼ା, ଖାଇବ ଯେବେ ଘାସବଡ଼ା ।



ଆରେ ମୋର ପୁଷି,
ଖାରେ ଯେତେ ଖୁସି ।
ଦୁଧଭାତ ମିଠା,
ଖାଇବୁ ଘିପିଠା ।
ମୋ ପାଖରେ ବସି,
ଖା ରେ ମୋର ପୁଷି ।

ଅନୁସ୍ୱାର ଯୋଗ ।

ଅ	ଅଂ	ଗ	ଗଂ
କ	କଂ	ମା	ମାଂ
ଖ	ଖଂ	ସି	ସିଂ

ଅଂଶ	ହଂସ	ସିଂହ	ହିଂସା	ବଂଶୀ
ବଂଶ	କଂସ	ମାଂସ	ଅଂଶୁ	ଅଂଶୀ

ବଂଶଜ	ସଂସାର	ସଂଶୟ	ମୀମାଂସା
କଂଶୁକ	ସଂଯୋଗ	ସଂବାଦ	ଦଂଶନ

ସିଂହ ପଶୁରାଜ ଅଟେ ।
ହଂସ ଜଳରେ ସଞ୍ଚରଣ କରେ ।
ଜୀବହିଂସା ନ କର ।
ବଂଶୀ ବାଜୁଛି ନଦୀତୀରେ ।
ହଂସ ଖେଳୁଛି ନଦୀନୀରେ ।
ସିଂହ ବୁଲଇ ଘୋରବନେ ।
ସଂହାରେ ବନ୍ୟ ଜୀବଗଣେ ।



ବିସର୍ଗ ଯୋଗ ।

କ	ଃ	କଃ	ଘ	ଃ	ଘଃ
ଖ	ଃ	ଖଃ	ଦୁ	ଃ	ଦୁଃ
ଗ	ଃ	ଗଃ	ନି	ଃ	ନିଃ

ଦୁଃଖ	ଦୁଃଖିତ	ଦୁଃସମୟ	ନିଃସଂଶୟ
ଦୁଃଖୀ	ନିଃଶେଷ	ଦୁଃସାହସ	ନିଃସହାୟ

ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ, ଲାଗିଛି ସଦା ସଂସାରେ ।

ଚନ୍ଦ୍ରବିନ୍ଦୁ ଯୋଗ ।

ଉ	ଁ	ଉଁ	ଗା	ଁ	ଗାଁ
କ	ଁ	କଁ	ବା	ଁ	ବାଁ
ଖ	ଁ	ଖଁ	ହା	ଁ	ହାଁ

ପାଉଁଶ	ଚଅଁର	କାହିଁ	କଅଁଳ
ଭଉଁରୀ	ଚଉଁରୀ	ନାହିଁ	ଯାଅଁଳା

ଅଁଳାଫଳ କଷା ଲାଗେ । ପାଉଁଶ ତଳେ ନିଆଁ ଅଛି ।

ଲବ କୁଶ ଦୁହେଁ ଯାଅଁଳା ଭାଇ
ସାନ ବଡ଼ ବାର ହୁଅଇ ନାହିଁ ।
ଚକା ଚକା ଭଉଁରୀ । ମାମୁଁଘର ଚଉଁରୀ ।




ହଳନ୍ତ । (୍)

କ୍ ଖ୍ ଗ୍ ଘ୍ ଚ୍ ଛ୍ ଜ୍ ଇତ୍ୟାଦି ।

ସତ୍	ଅସତ୍	ଜଗତ୍	ହଠାତ୍	ଜକ୍‌ଜକ୍
ଛତ୍	ଈଷତ୍	ଶରତ୍	ଅଚିରାତ୍	ଧକ୍‌ଧକ୍


ଝୁଲରେ ହାତୀ ଝୁଲ୍
ବା ପାଣି ଖାଇ ଝୁଲ୍
ବା ପାଣି ଖାଇ ଫୁଲ୍



———

ବିବିଧ ପାଠ ।

ଅତିଶୟ	ପରିହାସ	ରସାୟନ	ଉପବାସ
ସହୃଦୟ	ଅଭିଳାଷ	ରସାତଳ	ଅବକାଶ
ବିନିମୟ	ରମଣୀୟ	ଉପଘାତ	ଚମତ୍କାର
ଅନୁନୟ	ମାନନୀୟ	ଉପନୀତ	ଫୁତ୍କାର
କୌତୂହଳ	ସମୂଳକ	ସଂଶୋଧନ	ନିରୂପଣ
କାଳକୂଟ	ଅନୁକୂଳ	ପରିଶୋଧ	ଅପରୂପ
ଦୈବବଳ	ମନୋଯୋଗ	ପୁରୋହିତ	ସହୋଦର
ସମୁଦାୟ	ବିପରୀତ	ବିବେଚନା	ପୁଲକିତ
ହୁତାଶନ	ଶୁଭବେଳା	ସାଂସାରିକ	ଅନୁରୋଧ
ନିରୁପାୟ	ଅବହେଳା	ପୁନଃପୁନଃ	ପରିତୋଷ



ମୋର ଦୁଇ ଆଖି, ଦୁଇ କାନ, ଦୁଇ ହାତ, ଦୁଇ ଗୋଡ଼ । ଆଖି ନ ଥିଲେ କିଛି ଦିଶେ ନାହିଁ । କାନ ନ ଥିଲେ କିଛି ଶୁଭେ ନାହିଁ । ହାତ ନ ଥିଲେ କିଛି କାମ କରି ହୁଏ ନାହିଁ । ଗୋଡ଼ ନ ଥିଲେ ଚାଲି ହୁଏ ନାହିଁ । ମୁଁ ଜିଭରେ କଥା କହେଁ ଓ ଯାହା ଖାଏଁ ତାହା ମିଠା, କି ଖଟା, କି ପିତା, କି କଷା ଜାଣିପାରେଁ ।

ମୁଁ ଡାହାଣ ହାତରେ ପୋଥି ଧରିଅଛି । ବାଁ ହାତରେ ଛତା ଧରିଛି । ମୋ ମଥାରେ କଳା କେଶ । ଆଈ ମଥାରେ ଧଳା କେଶ । ମୋ ନାକର ଦୁଇଟା ପୁଡ଼ା । ନାକପୁଡ଼ାବାଟେ ପବନ ଯା ଆସ କରୁଛି । ମୋ ପିଠିରେ ଗୋଟାଏ ଘା ହୋଇଥିଲା, ଶୁଖି ଗଲାଣି । ପିଠିର ମଝିହାଡ଼ଟା କେଡ଼େ ବଡ଼ ।

ମୁଁ ବଡ଼ ଦୁଃଖୀ । ମୋର ଘର ନାହିଁ । ମୋ ଆଖିକୁ ଦିଶେ ନାହିଁ । ମୁଁ ଭିଖ ମାଗି ବୁଲୁଅଛି । ମୋର ଖାଇବାକୁ ନାହିଁ । ମୋର ଲୁଗା ନାହିଁ, ଶୀତରେ ଦେହ ଥରୁଅଛି । ମୋତେ ମୁଠିଏ ଖାଇବାକୁ ଦିଅ, ଗୋଟାଏ ପୁରୁଣା ଲୁଗା ଦିଅ । ମୋତେ ଦୟା କର ।

ଚୁଁକୁ ମୂଷି ଚୁଁକେଇ ମୂଷି;
ଧାନ ଭରଣକ ଖାଉଥା ବସି ।
ତୁ ଥା ମୁଁ ଯାଉଛି ରୁଷି ।





ଅରେ କାଉ ଆ, ଆ, ଆ,
କାହିଁକି ରଡୁଛୁ କା, କା, କା,
ଚୁଡ଼ିଲ ଦଉଚି ଖା, ଖା, ଖା,
କାହୁଁ ଅଇଲୁ କହୁ ଉଡ଼ି ଯା ।



ତୁ , ତୁ , ତୁ , ଡାକିଲି ମୁହିଁ ।
ଦଉଡ଼ି ଆସିଲୁ କୁକୁର ତୁହି ।
ଆଉଁସି ଦେବିରେ ଦେହ ତୋହର,
ଖାଇବାକୁ ଦେବି ଭାତ ମୋହର ।
ମୋ କଥା ମାନିବୁ ଜାଣଇ ମୁହିଁ ,
ଯେଣେ ଯିବି ମୁହିଁ, ଯିବୁରେ ତୁହି ।

ସରୋବରରେ କଇଁଫୁଲ ଫୁଟିଅଛି । ବାସୁଦେବ, ଆସ ଫୁଲ ତୋଳିବା । ଫୁଲ ନେଇ ଘରେ ଭାଇ ଭଉଣୀଙ୍କି ଦେବା । ପୋଖରୀ କୂଳରେ ହରିଣଟିଏ ଛିଡ଼ା ହୋଇଅଛି । ଦେଖ ପଳାଇ ଯାଉଛି । ତା ପଛେ ଦୌଡ଼ି ଦୌଡ଼ି ତାହାକୁ ଧରିବା । ଓଃ ଦୌଡ଼ି ଦୌଡ଼ି ଗୋଡ଼ ଭିଡ଼ିଗଲାଣି । ତାକୁ ଧରି ପାରିବା ନାହିଁ । ଚାଲ ପୋଖରୀରେ ଗାଧୋଇ, ଫୁଲ ନେଇ, ଘରକୁ ଯିବା । ଖରା ମାଡ଼ି ଆସିଲାଣି, ଆଉ ମଠ ନ କର ।

ଆଜି କଳା ବଉଦ ଆକାଶରେ ଘୋଟି ଗଲାଣି । ଉଃ ବିଜୁଳି ମାରୁଅଛି । ଘଡଘଡ଼ି ରଡ଼ିରେ କାନ ଅତଡ଼ା ପଡ଼ି ଯାଉଅଛି । ଆଜି ଭାରି ବରଷା ହେବ । ହେଇ, ବରଷା ପାଣିଚ ପଡ଼ିଲାଣି । ଚାଲ ଘର ଭିତରକୁ ଯିବା, ନୋହିଲେ ଦେହ ଓ ଲୁଗା ଓଦା ହୋଇଯିବ ।



ଜାଇ ଯୂଈ ମଲ୍ଲି ମାଧବୀ ମାଳତୀ
ଗୋଲାପ ନଅଲୀ କେତକୀ ସେବତୀ ।
ନାନାଜାତି ଫୁଲ ଦେବି ତୋତେ ଆଣି,
ଦେଖି ତୁ ହସିବୁ ଅରେ ଧନମଣି ।

ସଂଯୁକ୍ତ ବର୍ଣ୍ଣ ।

ଯ ଫଳା । (ଯ—୍ୟ)

କ ଯ କ୍ୟ । ଖ ଯ ଖ୍ୟ

ଗ୍ୟ ଘ୍ୟ ଚ୍ୟ ଛ୍ୟ ଜ୍ୟ ଝ୍ୟ ଟ୍ୟ ଠ୍ୟ ଡ୍ୟ ଢ୍ୟ ଣ୍ୟ ତ୍ୟ ଥ୍ୟ ଦ୍ୟ
ଧ୍ୟ ନ୍ୟ ପ୍ୟ ଫ୍ୟ ବ୍ୟ ଭ୍ୟ ମ୍ୟ ଯ୍ୟ ଲ୍ୟ ଶ୍ୟ ଷ୍ୟ ସ୍ୟ ହ୍ୟ ।

ଐକ୍ୟ	ଜାଡ୍ୟ	ବୈଦ୍ୟ	ସଭ୍ୟ	ମୁଖ୍ୟ
ଆଢ୍ୟ	ବିଦ୍ୟା	ଶଯ୍ୟା	ଖ୍ୟାତି	ନିତ୍ୟ
ସାଧ୍ୟ	ମୂଲ୍ୟ	ଯୋଗ୍ୟ	ସତ୍ୟ	ଶୂନ୍ୟ
ତୁଲ୍ୟ	ରାଜ୍ୟ	ଭୃତ୍ୟ	ବ୍ୟାଧି	ଶ୍ୟାମ
ମୃତ୍ୟୁ	ନ୍ୟାୟ	ଶିଷ୍ୟ	ସହ୍ୟ	ହାସ୍ୟ
ନସ୍ୟ	ଦ୍ରବ୍ୟ	ବାହ୍ୟ	ବୈଶ୍ୟ	ପୋଷ୍ୟ
ଅବଶ୍ୟ	ଆଳସ୍ୟ	ଔଦାସ୍ୟ	ମନୁଷ୍ୟ	ଅଭ୍ୟାସ
ସାହାଯ୍ୟ	ଅସଂଖ୍ୟ	ବୈଷମ୍ୟ	ସାମାନ୍ୟ	ସୌଭାଗ୍ୟ
ଜ୍ୟୋତିଷ	ବ୍ୟବସାୟ	ଅଧ୍ୟବସାୟ	ଆବଶ୍ୟକ	ବିଦ୍ୟାଳୟ

ଜଣେ ମନୁଷ୍ୟ ଗୋଟାଏ ଚଢ଼ାଇକୁ ବନ୍ଧୁକରେ ଶୀକାର କରୁଅଛୁ । ତା ପାଖରେ କୁକୁର ଶୀକାର କରିବାର ଅଭ୍ୟାସ କରୁଅଛୁ ।



ଧନ୍ୟ ମନୁଷ୍ୟ ଏଭୁବନେ,
ଯେସତ୍ୟଭଜେପୁଣ୍ୟମନେ ।

କୁବାକ୍ୟ କେବେ ନ କହିବ, ଆଳସ୍ୟ କେବେ ନ କରିବ ।
ବାଲ୍ୟକାଳରେ ଦେଇ ମନ, ବିଦ୍ୟା ଶିଖିବ ଶିଷ୍ୟଗଣ ।
ମିଥ୍ୟାକୁ ପାପ ବୋଲି ଜାଣି, କହିବ ସଦା ସତ୍ୟବାଣୀ ।

ର ଫଳା । (ର—୍ର)

କ	ର	କ୍ର	କ୍ର	ଗ	ର	ଗ୍ର
ଖ	ର	ଖ୍ର		ଘ	ର	ଘ୍ର

ଚ୍ର ଛ୍ର ଜ୍ର ଝ୍ର ଟ୍ର ଠ୍ର ଡ୍ର ଢ୍ର ତ୍ର ଥ୍ର ଦ୍ର ଧ୍ର ପ୍ର ଫ୍ର ବ୍ର ଭ୍ର ମ୍ର ଯ୍ର
ଶ୍ର ଷ୍ର ସ୍ର ହ୍ର

ଚକ୍ର	ବଜ୍ର	ରୌଦ୍ର	ଭ୍ରାତା	ବକ୍ର	ଛତ୍ର
ନିଦ୍ରା	ଶୁଭ୍ର	ଶକ୍ର	ପ୍ରିୟ	ଗୃଧ୍ର	କ୍ରୀଡ଼ା
ଅଗ୍ର	ମିତ୍ର	ଶୀଘ୍ର	ବ୍ରୀଡ଼ା	ଗ୍ରାମ	ପ୍ରାଣ
ହ୍ରଦ	ସ୍ରାବ	ବ୍ୟାଘ୍ର	ତ୍ରାସ	ହ୍ରାସ	ସ୍ରୋତ
ଶ୍ରୁତି	ଦ୍ରୁମ	ମିଶ୍ର	ଶ୍ରେୟ	ପ୍ରୀତି	ମୁଦ୍ରା
ଶ୍ରମ	ହ୍ରେଷା	ନକ୍ର	ଭ୍ରମ	ତାମ୍ର	ବ୍ରଣ

ଗ୍ରହଣ	ସମ୍ରାଟ	ଶ୍ରୀମାନ୍	ସମୁଦ୍ର	ପ୍ରେରଣ
ଭ୍ରୂକୁଟି	ଶ୍ରବଣ	ସାମ୍ରାଜ୍ୟ	ଅଜସ୍ର	ପ୍ରବେଶ
ଆଶ୍ରମ	ଅନିଦ୍ରା	ସହସ୍ର	ପ୍ରକାଶ	ବିଶ୍ରାମ
ଦରିଦ୍ରା	ପ୍ରଶଂସା	କୃତ୍ରିମ	ଶ୍ରାବଣ	ପବିତ୍ର



ଦେଖ ଗୋଟାଏ ବ୍ୟାଘ୍ର ବନ ଭିତରୁ ଆସୁଅଛି ।
ବ୍ୟାଘ୍ର ବଡ଼ ଭୟାନକ ଓ ହିଂସ୍ର ପଶୁ ଅଟେ ।
ପରିଶ୍ରମ କର ପ୍ରତି ଦିବସ, କଦାଚ ନ ହୁଅ ଆଳସ୍ୟବଶ ।

ସହସ୍ର ସହସ୍ର ଗ୍ରାମ ନଦୀର କୂଳରେ,
ନଦୀସ୍ରୋତ ମିଶେ ଯାଇ ସମୁଦ୍ରଜଳରେ ।
ପ୍ରଜାପତିଟି ହରଷରେ, ଉଡୁଛି ଦେଖ ଆକାଶରେ ।



ଲ ଫଳା । (ଲ—୍ଲ)

କ	ଲ	କ୍ଲ	ଗ	ଲ	ଗ୍ଲ
ଖ	ଲ	ଖ୍ଲ	ଘ	ଲ	ଘ୍ଲ

ପ୍ଲ ଫ୍ଲ ବ୍ଲ ମ୍ଲ ଶ୍ଲ ଷ୍ଲ ସ୍ଲ ଲ୍ଲ ହ୍ଲ

କ୍ଲେଶ	ଅମ୍ଳ	କ୍ଲୀବ	ପଲ୍ଲବ	ଶୁକ୍ଳ
ମ୍ଳାନ	ଶ୍ଲୋକ	ବଲ୍ଲଭ	ଗ୍ଲାନି	ଶ୍ଲେଷ
କ୍ଲେଦ	କଲ୍ଲୋଳ	ପ୍ଲୀହା	ଶ୍ଲାଘା	ଶ୍ଲାଘ୍ୟ
ଉଲ୍ଲାସ	ପ୍ରହ୍ଲାଦ	ପ୍ଲାବନ	ଅଶ୍ଳୀଳ	ସଂଶ୍ଳେଷ
ଆହ୍ଲାଦ	ଭଲ୍ଲୁକ	ଅକ୍ଲେଶ	ବିଶ୍ଳେଷ	ଅଶ୍ଳେଷ



ବ୍ୟାଘ୍ରପରି ଭଲ୍ଲୁକ ମଧ୍ୟ ହିଂସ୍ର ଅଟେ । ଭଲ୍ଲୁକ ଅରଣ୍ୟରେ ଥାଏ । ଭିଖୁଆଁ ଗୋଟାଏ ଭଲ୍ଲୁକକୁ କପଟରୁ ଧରି ଆଣି ନଚାଉଅଛି ।

କାହାରିକୁ କ୍ଲେଶ ନ ଦିଅ କେବେ,
ସଂସାରେ ପ୍ରଶଂସା ଲଭିବ ତେବେ ।
ପ୍ରହ୍ଲାଦ ଆହ୍ଲାଦେ ଗାଉଛି ଗୀତ,
ମୁଁ ଗାଇବି ମିଶି ତାହା ସହିତ ।


— ०○० —

ବ ଫଳା । (ବ—୍ୱ)

କ	ବ	କ୍ୱ	ଗ	ବ	ଗ୍ୱ
ଖ	ବ	ଖ୍ୱ	ଘ	ବ	ଘ୍ୱ

ଚ୍ୱ ଛ୍ୱ ଜ୍ୱ ତ୍ୱ ଥ୍ୱ ଦ୍ୱ ଧ୍ୱ ନ୍ୱ ପ୍ୱ ଫ୍ୱ ଭ୍ୱ ମ୍ୱ ଲ୍ୱ ଶ୍ୱ ଷ୍ୱ ସ୍ୱ ହ୍ୱ ।

ଜ୍ୱର	ଶ୍ୱେତ	ଧ୍ୱନି	ପକ୍ୱ	ଖଟ୍ୱା
ଜ୍ୱାଳା	ଅଶ୍ୱ	ଧ୍ୱଂସ	ବିଲ୍ୱ	ତ୍ୱକ୍
ଦ୍ୱିଜ	ବିଶ୍ୱ	ସାଧ୍ୱୀ	ଦ୍ୱୀପ	ଦ୍ୱାର
ଜିହ୍ୱା	ଦ୍ୱେଷ	ସ୍ୱାଦ	ତତ୍ତ୍ୱ	ପୃଥ୍ୱୀ
ସ୍ୱାମୀ	ଶ୍ୱାସ	ସ୍ୱର	ନିଃସ୍ୱ	ବିମ୍ୱ
ସ୍ୱଭାବ	ଉଦ୍ୱେଗ	ଈଶ୍ୱର	ନିଃଶ୍ୱାସ	ସମ୍ୱଳ
ଗହ୍ୱର	ବିହ୍ୱଳ	ସ୍ୱଜତ୍ୱ	ଆଶ୍ୱିନ	ପଲ୍ୱଳ
ଆହ୍ୱାନ	ତେଜସ୍ୱୀ	ତପସ୍ୱୀ	ସତ୍ୱର	ଅନ୍ୱେଷଣ



ଜଣେ ଲୋକ ଗୋଟିଏ ଅଶ୍ୱକୁ ଧରିଅଛି । ଅଶ୍ୱ ଚଢ଼ିବାକୁ ଶିଖ, ରାମର ଅଶ୍ୱ ଖୁବ୍ ଦୌଡ଼ି ପାରେ ।


ଦ୍ୱାର ଦ୍ୱାର ବୁଲି ମାଗଇ ଦୁଃଖୀ,
ଭିକ୍ଷ ପାଇଲେ ସେ ହୁଅଇ ସୁଖୀ ।
ଆମ୍ୱ ବଉଳଇ ଫଗୁଣମାସେ,
ଦିଗ ଚହଟଇ ତାର ସୁବାସେ ।

ନ ଫଳା । (ନ—୍ନ)

କ	ନ	କ୍ନ	ଗ	ନ	ଗ୍ନ
ଖ	ନ	ଖ୍ନ	ଘ	ନ	ଘ୍ନ

ଗ୍ନ (ତ୍ନ) ନ୍ନ ପ୍ନ ମ୍ନ ଘ୍ନ ଶ୍ନ ସ୍ନ ହ୍ନ ।

ଅଗ୍ନି	ଯତ୍ନ	ସ୍ୱପ୍ନ	ସ୍ନେହ	ଅବସନ୍ନ
ବିଘ୍ନ	ରତ୍ନ	ପ୍ରଶ୍ନ	ସ୍ନାୟୁ	ସନ୍ନିଧାନ
ଲଗ୍ନ	ଛିନ୍ନ	ନିମ୍ନ	ପ୍ରସନ୍ନ	ଜଗନ୍ନାଥ
ମଗ୍ନ	ଭିନ୍ନ	ଚିହ୍ନ	ପନ୍ନଗ	ରତ୍ନାକର
ନଗ୍ନ	ଅନ୍ନ	ସ୍ନାନ	ମଧ୍ୟାହ୍ନ	ପ୍ରାତଃସ୍ନାନ
ଭଗ୍ନ	ଜହ୍ନ	ବହ୍ନି	ଆହ୍ନିକ	ସନ୍ନିବେଶ



ପ୍ରସନ୍ନର ମୁଦିରେ ବହୁମୂଲ୍ୟ ରତ୍ନ ଅଛି ।
ସେ ତାହାକୁ ଯତ୍ନ କରି ରଖିଅଛି ।

ଯତ୍ନକଲେ ରତ୍ନ ମିଳେ ଏ ସାର ବଚନ
ମନେ ରଖିଥିବ ସଦା ଆହେ ଶିଶୁଗଣ ।
ଆରେ ଜହ୍ନମାମୁ ଶରଦଶଶୀ ,
ମୋ କାହ୍ନୁ ହାତରେ ପଡ଼ ରେ ଖସି ।


ମ ଫଳା । (ମ — ୍ମ)

କ	ମ	କ୍ମ	ଗ	ମ	ଗ୍ମ
ଖ	ମ	ଖ୍ମ	ଘ	ମ	ଘ୍ମ

ଙ୍ମ ଟ୍ମ ଣ୍ମ ତ୍ମ (ତ୍ମ) ଦ୍ମ ଧ୍ମ ଲ୍ମ ମ୍ମ ଶ୍ମ ଷ୍ମ ସ୍ମ ହ୍ମ ।

ବାଗ୍ମୀ	ଜନ୍ମ	ବ୍ରହ୍ମ	ସ୍ମରଣ	ସମ୍ମାନ
ସ୍ମୃତି	ଗୁଲ୍ମ	ଜିହ୍ମ	ବ୍ରାହ୍ମଣ	ସମ୍ମତ
ପଦ୍ମ	ଗ୍ରୀଷ୍ମ	ଭସ୍ମ	ରୁକ୍ମିଣୀ	ସମ୍ମୁଖ
ଛଦ୍ମ	ରଶ୍ମି	ଆତ୍ମା	ଶ୍ମଶାନ	ବଲ୍ମୀକ
ସଦ୍ମ	ଉଷ୍ମ	ଶ୍ମଶ୍ରୁ	ଶାଲ୍ମଳୀ	ଉନ୍ମାଦ

ମହାତ୍ମା	ଦୁରାତ୍ମା	ପରଦୁଃଖ	ଅକସ୍ମାତ୍	ହିରଣ୍ମୟ
ମୃଣ୍ମୟ	ପଦ୍ମିନୀ	ପଦ୍ମାବତୀ	ଅପସ୍ମାର	ପରମାତ୍ମା



ଗ୍ରୀଷ୍ମକାଳରେ ଅନେକ ଫୁଲ ଫୁଟେ । ଗୋଲାପକଢ଼ି ଦେଖ୍, ଫୁଟୁ, ଛୋଟେ ଗୋଟିଏ, ପଦ୍ମାକୁ ଗୋଟିଏ ଦେବ ।

ଫୁଟିଅଛୁ ପଦ୍ମଫୁଲ ସରୋବର ଜଳେ
ଆସ ହେ ତୋଳିବା ପଦ୍ମ ଆସ ହେ ସକଳେ ।
ବ୍ରହ୍ମ ପରମାତ୍ମା ହର ଜଗତ-ଈଶ୍ୱରେ
ସ୍ମର ନିତ୍ୟ, ସ୍ମର ନିତ୍ୟ, ସ୍ମର ହୃଦୟରେ ।

ରେଫ ଯୋଗ । (ରେଫ— ର୍)


କ	ର୍	ରେଫ	ର୍କ	ଗ	ର୍	ରେଫ	ର୍ଗ
ଖ	ର୍	ରେଫ	ର୍ଖ	ଘ	ର୍	ରେଫ	ର୍ଘ

ର୍ଚ ର୍ଛ ର୍ଜ ର୍ଝ ର୍ଟ ର୍ଡ ର୍ଢ ର୍ଣ ର୍ତ ର୍ଥ ର୍ଦ ର୍ପ ର୍ଫ ର୍ବ ର୍ଭ ର୍ମ ର୍ଶ ର୍ଷ ର୍ସ ର୍ହ ।

ସର୍ବ	ମୂର୍ଖ	ଦୀର୍ଘ	କର୍ଣ	ଅର୍ଥ
ଗର୍ବ	ତର୍କ	ଅର୍ଘ	ବର୍ଣ	ବ୍ୟର୍ଥ
ଦର୍ପ	କର୍ମ	ବର୍ମ	ଅର୍ଦ୍ଧ	ହର୍ଷ

ସର୍ପ	ଧର୍ମ	ଘର୍ମ	ବର୍ଦ୍ଧ	ବର୍ଷ
ସ୍ୱର୍ଗ	ବର୍ଷା	ଖର୍ବ	ସ୍ୱାର୍ଥ	ଦର୍ଶ
କର୍କଶ	ବିସର୍ଗ	ଦୁର୍ଜନ	ନିର୍ଝର	ଅନର୍ଥ
ଶର୍କରା	ଦୁର୍ଗନ୍ଧ	ବର୍ଜନ	ଝର୍ଝର	ସମର୍ଥ
ବାର୍ଷିକ	ଦୁର୍ବଳ	ନିର୍ଧନ	ଆଦର୍ଶ	ବିମର୍ଷ
କାର୍ପାସ	ନିର୍ବୋଧ	ନିର୍ଦ୍ଦୋଷ	ନିର୍ମାଣ	ପରାମର୍ଶ
କର୍ପୂର	ଦୁର୍ନାମ	ଅର୍ପିତ	ନିର୍ଭର	ଦୁର୍ଲଭ

ଏହାଟି ସର୍ପ ନୁହେ ଗୋଟିଏ ବଡ଼ ଶାଗୁଆବର୍ଣ୍ଣର ପୋକ । ସୁଦର୍ଶନ ତାହାକୁ ଗୋଟିଏ ବୋତଲରେ ରଖିବ ବୋଲି କହୁଅଛି ।



ନିର୍ଦ୍ଦୟ କର୍କଶ କଥା ମୁଖେ ନ କହିବ
ମଧୁର ବଚନ କହି ସକଳେ ତୋଷିବ ।
ପର୍ବତ ଦେହରୁ ବର୍ଷାକାଳରେ
ବହଇ ନିର୍ଝର—ଧାରା ଝର୍ଝରେ ।
ଡାମରା କାଉରେ ଡାମରା କାଉ
ପର୍ବତେ ପର୍ବତେ ବୋବାଉଥାଉ ।

ଦୁଇ ବ୍ୟଞ୍ଜନବର୍ଣ୍ଣର ସଂଯୋଗ ।

ଙ କ ଙ୍କ ପଙ୍କ, ଶଙ୍କା, ଅଙ୍କୁର, ସଙ୍କେତ ।

ଙ ଖ ଙ୍ଖ ଶଙ୍ଖ, ଶୃଙ୍ଖଳା ।
ଙ ଗ ଙ୍ଗ ସଙ୍ଗ, ସଙ୍ଗୀତ, ଅଙ୍ଗୁଳି ।
ଙ ଘ ଙ୍ଘ ଜଙ୍ଘା, ଲଙ୍ଘନ ।

ପଙ୍କଜ ଶଙ୍ଖ ବଜାଇଣ, ରଙ୍ଗେ ଲଙ୍ଘିଲା ଘୋରବନ ।



ଞ ଚ ଞ୍ଚ ଚଞ୍ଚଳ, କାଞ୍ଚନ, ସଞ୍ଚୟ ।
ଞ ଛ ଞ୍ଛ ବାଞ୍ଛା, ଲାଞ୍ଛନା ।
ଞ ଜ ଞ୍ଜ ଅଞ୍ଜଳି, ପଞ୍ଜିକା, ଖଞ୍ଜ, ଗଞ୍ଜନା ।
ଞ ଝ ଞ୍ଝ ଝଞ୍ଝା, ପଞ୍ଝା ।

ପାଞ୍ଜି ଉପରେ ଦୁଆତ ରଖ, କାଗଜ ଧରି ସଙ୍ଗୀତ ଲେଖ ।
ପଞ୍ଝାଏ ଖଞ୍ଜ ବସି ବସି, କଥା କହନ୍ତି ହସି ହସି ।
କାଞ୍ଚନେ ବାଞ୍ଛା ନାହିଁ ମୋର, ମାଗଇଁ ପ୍ରଭୁ କୃପା ତୋର ।


ଣ ଟ ଣ୍ଟ କଣ୍ଟକ, ଘଣ୍ଟା ।
ଣ ଠ ଣ୍ଠ କଣ୍ଠ, ଉତ୍କଣ୍ଠା, କୁଣ୍ଠିତ ।
ଣ ଡ ଣ୍ଡ କୁଣ୍ଡ, ମୁଣ୍ଡ, ଚଣ୍ଡାଳ, ପଣ୍ଡିତ, ଗଣ୍ଡୂଷ ।
ଣ ଢ଼ ଣ୍ଢ ଷଣ୍ଢ, ମେଣ୍ଢା ।



ଘଣ୍ଟି ବାଜଇ ଠନ୍ ଠନ୍ ।
ଘଣ୍ଟା ବାଜଇ ଟଂ ଟଂ ।
ମେଣ୍ଢା ମୁଣ୍ଡଟି ବଡ଼ ଟାଣ ।
ତା ମୁଣ୍ଡିଆକୁ ସାବଧାନ ।


ଗୁରୁଣ୍ଡି ଗୁରୁଣ୍ଡି ଏରୁଣ୍ଡି ଉପରେ ମାଧବ ବସିଛୁ ଯାଇ ।
ମାତାଙ୍କ ଅଡ଼ୁକୁ ଅନାଇଁ ଅନାଇଁ ମାଟି ଦେଉଅଛୁ ଖାଇ ।

ନ ତ ନ୍ତ ଦନ୍ତ, ତନ୍ତ୍ରୀ, ସନ୍ତୋଷ, ଶାନ୍ତ, ଦାନ୍ତ।
ନ ଥ ନ୍ଥ କନ୍ଥା, ମନ୍ଥନ, ଶ୍ରୀମନ୍ଥ ।
ନ ଦ ନ୍ଦ ଆନନ୍ଦ, ମନ୍ଦର, ସିନ୍ଦୂର, ସନ୍ଦେହ ।
ନ ଧ ନ୍ଧ ଅନ୍ଧ, ସନ୍ଧି, ସନ୍ଧ୍ୟା, ବନ୍ଧୁ, ବନ୍ଧୁକ ।




ଧନ୍ୟ ଯେ ସଦା ବାସ କରେ, ଶାନ୍ତ ସନ୍ତୋଷ ଆନନ୍ଦରେ ।
ଦରିଦ୍ର ପିନ୍ଧେ ଛିଣ୍ଡା କନ୍ଥା, ଅନ୍ଧକୁ ନ ଦିଶଇ ପନ୍ଥା ।

ମ ପ ମ୍ପ ସମ୍ପଦ, ସମ୍ପନ୍ନ, ସମ୍ପାଦନ, କମ୍ପିତ ।
ମ ଫ ମ୍ଫ ଲମ୍ଫ, ଗୁମ୍ଫା, ବାମ୍ଫୀ ।
ମ ବ ମ୍ବ ସମ୍ବଲ, ସମ୍ବାଦ, ସମ୍ବୋଧନ, କମ୍ବୁ, ଅମ୍ବୁ ।
ମ ଭ ମ୍ଭ ରମ୍ଭା, ଗମ୍ଭୀର, ସମ୍ଭୋଗ, କୁମ୍ଭୀର ।




ଗୁମ୍ଫାଟି ଅଛି ସୁନିର୍ମଳ ।
ବାମ୍ଫୀର ଜଳ ସୁଶୀତଳ ।
ସମ୍ପଦକାଳେ ସର୍ବେ ସଖା,
ବିପଦେ ନ ଦିଅନ୍ତି ଦେଖା ।

କୁମ୍ଭୀର ବଡ଼ ଭୟଙ୍କର, ନାଶଇ କେତେ ନାରୀ ନର ।



କ କ କ୍କ ଚକ୍କଣ, ଧକ୍କାର, କୁକ୍କୁଟ, କୁକ୍କୁର ।
କ ତ କ୍ତ ରକ୍ତ, ଶକ୍ତି, ଭକ୍ତ, ବିଭକ୍ତ ।
କ ଷ କ୍ଷ ପକ୍ଷ, ଲକ୍ଷ, ଲକ୍ଷଣ, ରକ୍ଷା, ଦକ୍ଷିଣ, ପରୀକ୍ଷା, କ୍ଷେତ୍ର ।
ଗ ଦ ଗ୍ଦ ବାଗ୍ଦାନ, ବାଗ୍ଦେବୀ ।
ଗ ଧ ଗ୍ଧ ଦୁଗ୍ଧ, ମୁଗ୍ଧ, ସ୍ନିଗ୍ଧ ।




କୁକ୍କୁଟମୁଣ୍ଡେ ଅଛି ଚୂଳ । ମାଟି ଭିତରେ ବୃକ୍ଷମୂଳ ।
ସାଧୁର ଲକ୍ଷଣ ଈଶ୍ୱରଭକ୍ତି ;
ଦୁଗ୍ଧ ପାନ କଲେ ବଢଇ ଶକ୍ତି ।


ଚ ଚ ଚ୍ଚ ଉଚ୍ଚ, ଉଚ୍ଚାରଣ, ଉଚ୍ଚୈଃ ।
ଚ ଛ ଚ୍ଛ ଗୁଚ୍ଛ, ତୁଚ୍ଛ, ଆଚ୍ଛାଦନ, ବିଚ୍ଛେଦ, ସ୍ୱଚ୍ଛ, କଚ୍ଛପ ।
ଚ ଞ ଚ୍ଞ ଯାଚ୍ଞା ।
ଜ ଜ ଜ୍ଜ କଜ୍ଜଳ, ମଜ୍ଜନ, ସଜ୍ଜନ, ଲଜ୍ଜା, ସଜ୍ଜା, ଲଜ୍ଜିତ ।
ଜ ଝ ଜ୍ଝ କୁଜ୍ଝଟି, କୁଜ୍ଝଟିକା ।
ଜ ଞ ଜ୍ଞ ବିଜ୍ଞ, ଆଜ୍ଞା, ଯଜ୍ଞ, ଜ୍ଞାନ ।

ଜ୍ଞାନୀ ସଜ୍ଜନ ସଙ୍ଗ ଧର, ମନ ନିର୍ମଳ ସ୍ୱଚ୍ଛ କର,
ପ୍ରଭୁଙ୍କ ନାମ ଉଚ୍ଚାରଣ, କର ହେ ନରନାରୀଗଣ ।

ଟ ଟ ଟ୍ଟ ଅଟ୍ଟହାସ, ଅଟ୍ଟାଳିକା ।
ଡ଼ ଗ ଡ଼୍ଗ ଖଡ଼୍ଗ ।
ଡ ଡ ଡ୍ଡ ଉଡ୍ଡୀନ, ଉଡ୍ଡୀୟମାନ ।



ବିବିଧ ରଙ୍ଗର ପତାକାମାନ ।
ଅଟ୍ଟାଳିକା ଶିରେ ଉଡ୍ଡୀୟମାନ ।
ଖଡ଼୍ଗ ଅବା ଖଣ୍ଡା ଧରି ଚଳେ ଖଣ୍ଡାଇତ ।
ଖଡ଼୍ଗଯୋଗୁଁ ଖଡ଼୍ଗୀବୋଲି ଗଣ୍ଡାର ବିଦିତ ।



ତ କ ତ୍କ ଉତ୍କଳ, ଉତ୍କଣ୍ଠା, ବଲାତ୍କାର, ଉତ୍କୃଷ୍ଟ ।
ତ ତ ତ୍ତ ଉତ୍ତମ, ଉତ୍ତର, ଉତ୍ତାପ, ମୃତ୍ତ ।
ତ ଥ ତ୍ଥ ଉତ୍ଥାନ, ଉତ୍ଥାପନ ।
ତ ପ ତ୍ପ ଉତ୍ପଳ, ଉତ୍ପାତ, ଉତ୍ପନ୍ନ ।
ତ ସ ତ୍ସ ବତ୍ସ, ବତ୍ସର, ସମ୍ବତ୍ସର ।
ଦ ଗ ଦ୍ଗ ମୁଦ୍ଗର, ଉଦ୍ଗାର ।
ଦ ଘ ଦ୍ଘ ଉଦ୍ଘାଟନ ।
ଦ ଦ ଦ୍ଦ ଉଦ୍ଦୀପନ, ଉଦ୍ଦେଶ, ଉଦ୍ଦେଶ୍ୟ ।
ଦ ଧ ଦ୍ଧ ଯୁଦ୍ଧ, ରୁଦ୍ଧ, ଶୁଦ୍ଧ, ବୁଦ୍ଧି, ସିଦ୍ଧି, ଉଦ୍ଧାର ।
ଦ ବ ଦ୍ବ ଉଦ୍ବାନ୍ଧ, ବୁଦ୍ବୁଦ ।
ଦ ଭ ଦ୍ଭ ଅଦ୍ଭୁତ, ଉଦ୍ଭିଦ, ସଦ୍ଭାବ, ଉଦ୍ଭବ ।
ଦ ଯ ଦ୍ୟ ଉଦ୍ୟୋଗ ।

ଉତ୍ତରଦଗେ ବୃକ୍ଷଡାଳେ,
ପେଚ୍ଚ ସ୍ୱଚ୍ଛନ୍ଦ ରାତ୍ରିକାଳେ ।
ଆମ୍ଭ ଜନ୍ମଭୂମି ଉତ୍କଳଦେଶ,
ଉତ୍କଳ କୀର୍ତ୍ତି ଅଟେ ଅଶେଷ ।
ସର୍ବ ଉତ୍ପାତୁଁ ତୋତେ ହର,
ଇଖନ୍ତୁ ବସ୍ତ କୃପା କର ।
ଅନନ୍ତ ଅଦ୍ଭୁତ ମହିମା,
କେ କହି ପାରେ ତାର ସୀମା ।
ଉଦ୍ୟୋଗ କଲେ ସର୍ବସିଦ୍ଧି,
ତପସ୍ୟା କଲେ ଚିତ୍ତଶୁଦ୍ଧି ।



ପ ତ ପ୍ତ ଗୁପ୍ତ, ସୁପ୍ତ, ଲିପ୍ତ, କ୍ଷିପ୍ତ ।
ପ ପ ପ୍ପ ପିପ୍ପଳୀ ।
ପ ସ ପ୍ସ ଅପ୍ସରା ।
ବ ଜ ବ୍ଜ ଅବ୍ଜ, କୁବ୍ଜ ।
ବ ଦ ବ୍ଦ ଅବ୍ଦ, ଶବ୍ଦ ।
ବ ଧ ବ୍ଧ ଲୁବ୍ଧ, କ୍ଷୁବ୍ଧ, ଆରବ୍ଧ ।

ଅବ୍ଜ ଫୁଟିଛି ସରୋବରରେ, ବେଢି ଅଛନ୍ତି ମଧୁକରେ ।
କହିବ ନାହିଁ ଗୁପ୍ତକଥା, ନ ଦଅ ଲୋକମନେ ବ୍ୟଥା ।
ପଢ଼ନ୍ତେ କର୍ଣ୍ଣେ ସେହି ଶବ୍ଦ, ଆନନ୍ଦ ପ୍ରାଣେହେଲାଲବ୍ଧ ।



ଲ କ ଲ୍କ ବଲ୍କଲ, ଶୁଲ୍କ ।
ଲ୍ କ ଲ୍କ ଉଲ୍କା ।
ଲ ଗ ଲ୍ଗ ଫଲ୍ଗୁ, ଫାଲ୍ଗୁନ ।
ଲ ପ ଲ୍ପ ଅଳ୍ପ, ଗଳ୍ପ, କଳ୍ପନା, ସଂକଳ୍ପ, ଜଳ୍ପନା ।
ଲ ଫ ଲ୍ଫ ଗୁଲ୍ଫ ।
ଲ ଭ ଲ୍ଭ ପ୍ରଗଲ୍ଭ ।
ଶ ଚ ଶ୍ଚ ନିଶ୍ଚୟ, ପଶ୍ଚିମ, ପଶ୍ଚାତ୍ ।
ଶ ଛ ଶ୍ଛ ଶିରଶ୍ଛେଦ, ଦୁଶ୍ଛେଦ୍ୟ ।
ଷ କ ଷ୍କ ଶୁଷ୍କ, ନିଷ୍କର, ଦୁଷ୍କର, ପରିଷ୍କାର ।
ଷ ଟ ଷ୍ଟ ଅଷ୍ଟ, କଷ୍ଟ, ଦୁଷ୍ଟ, ପୁଷ୍ଟ, ହୃଷ୍ଟ, ରୁଷ୍ଟ, ସମଷ୍ଟି ।
ଷ ଠ ଷ୍ଠ ଷଷ୍ଠ, କନିଷ୍ଠ, ବଳିଷ୍ଠ, ଶ୍ରେଷ୍ଠ, ଗରିଷ୍ଠ, ନିଷ୍ଠୁର ।
ଷ ଣ ଷ୍ଣ କୃଷ୍ଣ, ବିଷ୍ଣୁ, ସହିଷ୍ଣୁ, ବୈଷ୍ଣବ ।
ଷ ପ ଷ୍ପ ପୁଷ୍ପ, ନିଷ୍ପାପ, ନିଷ୍ପୀଡ଼ନ ।
ଷ ଫ ଷ୍ଫ ନିଷ୍ଫଳ, ନିଷ୍ଫେନ ।

ସ କ ସ୍କ ତସ୍କର, ନମସ୍କାର, ଅଯୃସ୍କାନ୍ତ, ପୁରସ୍କାର ।
ସ ଖ ସ୍ଖ ସ୍ଖଳନ ।
ସ ତ ସ୍ତ ସ୍ତବ୍ଧ, ପ୍ରଶସ୍ତ, ଦୁସ୍ତର, ନିସ୍ତାର, ବିସ୍ତାର ।
ସ ଥ ସ୍ଥ ସ୍ଥାନ, ସ୍ଥିର, ସ୍ଥିତ, ସ୍ଥାବର, ଆସ୍ଥା, ଅସ୍ଥି, ସ୍ଥୂଳ ।
ସ ପ ସ୍ପ ସ୍ପର୍ଶ, ପରସ୍ପର, ଆସ୍ପଦ, ବାସ୍ପ ।
ସ ଫ ସ୍ଫ ସ୍ଫଟିକ, ସ୍ଫୀତ, ଆସ୍ଫାଳନ ।

ଆରେ କେଡ଼େ ବଡ଼ କୁକ୍କୁରଟାଏ । ସେ ଅସ୍ଥି ଖାଇବାକୁ ଯାଉଛି ।



ଫାଲ୍ଗୁନମାସରେ ଦୋଲଯାତ୍ରା ହୁଏ । କେହି କେହି ବଲ୍କଳ ପିନ୍ଧନ୍ତି । ପଶ୍ଚିମଦିଗରେ ଅଳ୍ପ ମେଘ ଉଠିଅଛି । ଶୁଷ୍କକାଷ୍ଠ ଜାଳିବାକୁ ଭଲ । ଗୁରୁଜନଙ୍କୁ ନମସ୍କାର କର । କେତେକ ବୃକ୍ଷ ପୁଷ୍ପବନ୍ତ ହୁଅନ୍ତି ନାହିଁ । ଜଳ ଗରମ ହେଲେ ସେଥିରୁ ବାଷ୍ପ ବାହାରେ । ସ୍ଫଟିକ ସ୍ୱଚ୍ଛ ଅଟେ । ତାଙ୍କ ମୁଖ ନିସ୍ତେଜ ଦିଶୁଅଛି । ଦୟାଳୁ ଲୋକ ଦୁଃଖିମାନଙ୍କର କଷ୍ଟ ହରଣ କରନ୍ତି ।

ଭିନ୍ନ ବର୍ଣ୍ଣର ସଂଯୋଗ ।


କ ତ ର କ୍ତ୍ର ବକ୍ତ୍ର ।

କ ଷ ଣ କ୍ଷ୍ଣ ତୀକ୍ଷ୍ଣ ।

କ ଷ ମ କ୍ଷ୍ମ ସୂକ୍ଷ୍ମ, ଲକ୍ଷ୍ମୀ, ଯକ୍ଷ୍ମା ।

କ ଷ ଯ କ୍ଷ୍ୟ ଲକ୍ଷ୍ୟ, ସାକ୍ଷ୍ୟ, ଭକ୍ଷ୍ୟ ।

ଙ କ ତ ଙ୍କ୍ତ ପଙ୍କ୍ତି



ଙ କ ଷ ଙ୍କ୍ଷ ଆକାଙ୍କ୍ଷା ।

ଜ ଜ ବ ଜ୍ଜ୍ୱ ଉଜ୍ଜ୍ୱଳ ।

ଣ ଡ ର ଣ୍ଡ୍ର ପୁଣ୍ଡ୍ର ।


ତ ତ ବ ତ୍ତ୍ୱ ତତ୍ତ୍ୱ, ମହତ୍ତ୍ୱ, ସତ୍ତ୍ୱ ।

ତ ତ ର ତ୍ତ୍ର ପୁତ୍ତ୍ର ।

ତ ମ ଯ ତ୍ମ୍ୟ (ତ୍ମ୍ୟ) ମାହାତ୍ମ୍ୟ, ଦୌରାତ୍ମ୍ୟ ।

ତ ସ ନ ତ୍ସ୍ନ ଜ୍ୟୋତ୍ସ୍ନା ।

ତ ସ ଯ ତ୍ସ୍ୟ ମତ୍ସ୍ୟ ।



ନ ତ ଯ ନ୍ତ୍ୟ ଅନ୍ତ୍ୟ ।

ନ ତ ର ନ୍ତ୍ର ତନ୍ତ୍ର, ମନ୍ତ୍ର, ଯନ୍ତ୍ର, ମନ୍ତ୍ରୀ ।

ନ ତ ବ ନ୍ତ୍ୱ ସାନ୍ତ୍ୱନା ।

ନ ଦ ର ନ୍ଦ୍ର ଚନ୍ଦ୍ର, ସାନ୍ଦ୍ର, ଇନ୍ଦ୍ର, ଇନ୍ଦ୍ରିୟ ।

ନ ଦ ବ ନ୍ଦ୍ୱ ଦ୍ୱନ୍ଦ୍ୱ ।

ନ ଧ ର ନ୍ଧ୍ର ରନ୍ଧ୍ର ।


ନ ଧ ଯ ନ୍ଧ୍ୟ ବିନ୍ଧ୍ୟ, ସନ୍ଧ୍ୟା, ବନ୍ଧ୍ୟା ।

ନ ନ ଯ ନ୍ନ୍ୟ ସନ୍ନ୍ୟାସ, ସନ୍ନ୍ୟାସୀ ।

ମ ପ ର ମ୍ପ୍ର ସମ୍ପ୍ରତି, ସମ୍ପ୍ରଦାୟ, ସମ୍ପ୍ରଦାନ ।



ମ ଭ ର ମ୍ଭ୍ର ସମ୍ଭ୍ରମ, ସମ୍ଭ୍ରାନ୍ତ ।
ର ଚ ଚ ର୍ଚ୍ଚ ଅର୍ଚ୍ଚନା, ଚର୍ଚ୍ଚା ।
ର ଚ ଛ ର୍ଚ୍ଛ ମୂର୍ଚ୍ଛା, ମୂର୍ଚ୍ଛନା ।
ର ଣ ଣ ର୍ଣ୍ଣ ପର୍ଣ୍ଣ, ସ୍ୱର୍ଣ୍ଣ, ପୂର୍ଣ୍ଣ, ଚୂର୍ଣ୍ଣ ।
ର ତ ତ ର୍ତ୍ତ କର୍ତ୍ତନ, କୀର୍ତ୍ତି, ମୂର୍ତ୍ତି ।
ର ଦ ଧ ର୍ଦ୍ଧ ଅର୍ଦ୍ଧ, ଜର୍ଦ୍ଧାରିତ, ବର୍ଦ୍ଧନ ।
ର ତ ସ ର୍ତ୍ସ ଭର୍ତ୍ସନା ।
ର ଦ ର ର୍ଦ୍ର ଆର୍ଦ୍ର ।
ର ଯ ଯ ର୍ଯ୍ୟ କାର୍ଯ୍ୟ, ଧୈର୍ଯ୍ୟ, ମର୍ଯ୍ୟାଦା ।
ର ଶ ବ ର୍ଶ୍ୱ ପାର୍ଶ୍ୱ, ପାରିପାର୍ଶ୍ୱିକ ।




ଷ କ ର ଷ୍କ୍ର ନିଷ୍କ୍ରିୟ ।
ଷ ଟ ର ଷ୍ଟ୍ର ଉଷ୍ଟ୍ର, ରାଷ୍ଟ୍ର ।
ଷ ପ ର ଷ୍ପ୍ର ଦୁଷ୍ପ୍ରାପ୍ୟ, ନିଷ୍ପ୍ରୟୋଜନ ।
ସ ତ ର ସ୍ତ୍ର ଅସ୍ତ୍ର, ଶସ୍ତ୍ର, ଶାସ୍ତ୍ର, ବସ୍ତ୍ର ।
ସ ଥ ଯ ସ୍ଥ୍ୟ ସ୍ୱାସ୍ଥ୍ୟ, ଗାର୍ହସ୍ଥ୍ୟ ।

ମିଶ୍ରସଂଯୋଗ—ଚତୁରକ୍ଷର ।

ନ ତ ର ଯ ନ୍ତ୍ର୍ୟ ସ୍ୱାତନ୍ତ୍ର୍ୟ, ପାରତନ୍ତ୍ର୍ୟ
ର ତ ତ ଯ ର୍ତ୍ତ୍ୟ ମର୍ତ୍ତ୍ୟ ।
ର ତ ତ ର ର୍ତ୍ତ୍ର କର୍ତ୍ତ୍ରୀ ।
ର ଦ ଧ ବ ର୍ଦ୍ଧ୍ୱ ଊର୍ଦ୍ଧ୍ୱ ।

ବୁଢିଆଣୀ ଜାଲ ବଡ଼ ସୂକ୍ଷ୍ମ । ମୂଷିକର ଦନ୍ତ ତୀକ୍ଷ୍ଣ । ଉଦ୍ୟୋଗୀ ପୁରୁଷକୁ ଲକ୍ଷ୍ମୀ ମିଳେ । ସେ ଭୁମ୍ରର ଶୁଭ୍ରକାନ୍ତି ଅଟନ୍ତି । ଶରତ୍କାଳରେ ଚନ୍ଦ୍ର ଅତିଶୟ ଉଜ୍ଜ୍ୱଳ ଦିଶେ । ତାହାଙ୍କର ମହତ୍ତ୍ୱ ବିଷୟ ଚିନ୍ତାକର । ସତ୍ୟଂ, ଏହି ମନ୍ତ୍ରଟି ପାଠକର । ଶୋକାର୍ତ୍ତ ଲୋକକୁ ସାନ୍ତ୍ୱନା ଦିଅ । ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା, ତ୍ୱକ୍ ବା ଚର୍ମ ଏହି ପାଞ୍ଚ ଇନ୍ଦ୍ରିୟ । ସନ୍ଧ୍ୟା ସମୟରେ ସନ୍ନ୍ୟାସୀ ଧ୍ୟାନ କରନ୍ତି । ପିତା କନ୍ୟା ସମ୍ପ୍ରଦାନ କଲେ । ସଙ୍ଗୀତଶାସ୍ତ୍ରର ଚର୍ଚ୍ଚା କର । ସେ ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲେ । ଆର୍ଦ୍ର ବସ୍ତ୍ର ପିନ୍ଧିବ ନାହିଁ । ତାଙ୍କପରି ସଜ୍ଜନ ଦୁର୍ଲ୍ଲଭ । ଦକ୍ଷିଣପାର୍ଶ୍ୱରେ ପୀଡ଼ା ହୋଇଅଛି । ସର୍ବସୁଖର ମୂଳ ସ୍ୱାସ୍ଥ୍ୟ । ଅର୍ଦ୍ଧରାତ୍ର ସମୟରେ ମୁଁ ଊର୍ଦ୍ଧ୍ୱକୁ ଅନାଇ ନକ୍ଷତ୍ରପୂର୍ଣ୍ଣ ଆକାଶକୁ ଦେଖିଲି । ସମୟକୁ ବୃଥା ଅପ୍ରୟୋଜନ କାର୍ଯ୍ୟରେ ନଷ୍ଟ କରିବ ନାହିଁ ।




ଶବ୍ଦପାଠ ।


ମସ୍ତକ ଦେହର ଉତ୍ତମ ଅଙ୍ଗ । ପ୍ରତିହସ୍ତରେ ପାଞ୍ଚ ଅଙ୍ଗୁଳି । ପ୍ରତିପାଦରେ ପାଞ୍ଚ ଅଙ୍ଗୁଳି । ମନୁଷ୍ୟର ଦୁଇଟି ବାହୁ, ଦୁଇଟି ହସ୍ତ,

ଦୁଇଟି ପାଦ, ଦୁଇଟି ଚକ୍ଷୁ, ଦୁଇଟି କର୍ଣ୍ଣ, ଦୁଇଟି ଓଷ୍ଠ । ନାସିକାରେ ଦୁଇଟି ରନ୍ଧ୍ର ଅଛି । ଉଦରରେ ପାକଯନ୍ତ୍ର ଅଛି । ମସ୍ତକରୁ ପାଦପର୍ଯ୍ୟନ୍ତ ସମସ୍ତ ଦେହରେ ରକ୍ତ ପ୍ରବାହିତ ହେଉଅଛି ।

କିଏ ତୁମ୍ଭଙ୍କୁ ଏବଂ ଅନ୍ୟ ସବୁ ଜୀବମାନଙ୍କୁ କରିଅଛନ୍ତି ? କିଏ ତୁମ୍ଭଙ୍କୁ ଦେଖିବାପାଇଁ ଚକ୍ଷୁ, ଶୁଣିବାପାଇଁ କର୍ଣ୍ଣ, ଶୁଙ୍ଘିବାପାଇଁ ନାସିକା, ସ୍ୱାଦ ବାରିବାପାଇଁ ଜିହ୍ୱା, କଥା କହିବାପାଇଁ ମୁଖ, ପଦାର୍ଥମାନ ଧରିବା ପାଇଁ ହସ୍ତ, ଏକସ୍ଥାନରୁ ଅନ୍ୟସ୍ଥାନକୁ ଯିବାପାଇଁ ପାଦ ଦେଇଅଛନ୍ତି ? କିଏ ତୁମ୍ଭଙ୍କୁ ଭଲ, ମନ୍ଦ, ନ୍ୟାଯ୍ୟ, ଅନ୍ୟାଯ୍ୟ ବିଚାର କରିବାପାଇଁ ବୁଦ୍ଧି ଦେଇଅଛନ୍ତି ? ପରମେଶ୍ୱର ତୁମ୍ଭଙ୍କୁ ସୃଷ୍ଟି କରିଅଛନ୍ତି, ତୁମ୍ଭଙ୍କୁ ସର୍ବଦା ରକ୍ଷା କରୁଅଛନ୍ତି । ଆହା, ତାଙ୍କର ଦୟା କିଏ ବର୍ଣ୍ଣି ପାରିବ !

ସୂର୍ଯ୍ୟ ଆମ୍ଭମାନଙ୍କୁ ଆଲୁଅ ଓ ଉତ୍ତାପ ଦେଉଅଛି । ସୂର୍ଯ୍ୟ ନ ଥିଲେ ସଂସାର ଅନ୍ଧକାରମୟ ଓ ଅତି ଶୀତଳ ରହିଥାନ୍ତା । ପୃଥିବୀରେ ଜୀବ ଜନ୍ତୁ, ବୃକ୍ଷ ଲତା କିଛି ଜନ୍ମି ପାରନ୍ତା ନାହିଁ । ସୂର୍ଯ୍ୟ ପୃଥିବୀଠାରୁ ଅତି ବୃହତ । ପୃଥିବୀ ସୂର୍ଯ୍ୟର ଚତୁର୍ଦ୍ଦିଗରେ ବର୍ଷକେ ଥରେ ବୁଲେ ।





ରାତ୍ରିକାଳରେ ଚନ୍ଦ୍ର ଉଜ୍ଜ୍ୱଳ ଦେଖାଯାଏ । ଚନ୍ଦ୍ର କ୍ରମେ୨ ବଢ଼ୁଥାଏ । ଯେଉଁଦିନ ଚନ୍ଦ୍ର ସମ୍ପୂର୍ଣ୍ଣ ଗୋଲ ହୁଏ ବା ପୂର୍ଣ୍ଣଚନ୍ଦ୍ର ହୁଏ, ସେଦିନ ପୂର୍ଣ୍ଣିମା ବୋଲାଯାଏ । ଯେଉଁ ଦିନ ଚନ୍ଦ୍ର ଏକା-

ବେଳକେ ଦେଖାଯାଏ ନାହିଁ, ତାହାକୁ ଅମାବାସ୍ୟା କହନ୍ତି । ଚନ୍ଦ୍ରର ନିଜର ଆଲୁଅ ନାହିଁ । ଯେଉଁ ଆଲୁଅକୁ ଜ୍ୟୋତ୍ସ୍ନା ବୋଲାଯାଏ ତାହା ଚନ୍ଦ୍ର ସୂର୍ଯ୍ୟଠାରୁ ପାଏ । ଚନ୍ଦ୍ର ପୃଥିବୀ ଅପେକ୍ଷା କ୍ଷୁଦ୍ର । ଚନ୍ଦ୍ର ପୃଥିବୀର ଚାରିଆଡ଼ରେ ମାସକେ ଥରେ ବୁଲେ ।

—⊙○⊙—

ସୂର୍ଯ୍ୟ ଯେଉଁ ଦିଗରେ ଉଏଁ, ତୁମ୍ଭେ ସେହିଦିଗକୁ ଅନାଇଅଛ । ସେହି ଦିଗ ପୂର୍ବଦିଗ । ତୁମ୍ଭର ଦକ୍ଷିଣହସ୍ତ ଦକ୍ଷିଣଦିଗକୁ ଅଛି, ବାମ ହସ୍ତ ଉତ୍ତର ଦିଗକୁ ଅଛି, ତୁମ୍ଭର ପଛଆଡ଼ ପଶ୍ଚିମ ଦିଗ ।

ତୁମ୍ଭେ ପଶ୍ଚିମଦିଗକୁ ଅନାଇ ଠିଆ ହେଲେ, ତୁମ୍ଭର ଦକ୍ଷିଣହସ୍ତ କେଉଁଦିଗକୁ ହେବ ? ତୁମ୍ଭେ ଦକ୍ଷିଣଦିଗକୁ ଅନାଇ ଠିଆ ହେଲେ, ତୁମ୍ଭର ବାମହସ୍ତ କେଉଁ ଦିଗକୁ ହେବ ? ତୁମ୍ଭେ ଉତ୍ତର ଆଡ଼କୁ ଅନାଇଁ ଠିଆ ହେଲେ, ତୁମ୍ଭର ପିଠି କେଉଁ ଦିଗକୁ ରହିବ ?

— ⁂ —

ଦିନ ରାତି ମିଶି ଦିବସ ଏକ । ସାତ ଦିବସରେ ସପ୍ତାହ ଲେଖ ।
ସପ୍ତାହର ସାତବାରର ନାମ । ମନେ ସଦା ରଖିଥିବ ହେ ରାମ ।
ରବି ପରେ ସୋମ, ତାପରେ ମଙ୍ଗଳ
ତାପରେ ଯେ ବୁଧବାର ।
ଗୁରୁ, ଶୁକ୍ର, ଶନି ଆସେ ତାହା ପରେ
ସାତବାର ଏ ପ୍ରକାର ।

—∘○○○∘—

ପନ୍ଦର ଦିନକୁ ଏକ ପକ୍ଷ ବୋଲି
ଦୁଇ ପକ୍ଷେ ଏକ ମାସ ।

ଦୁଇ ମାସ ମିଳି ଏକ ଋତୁ ହୁଏ
ମନେ ରଖ ପୀତବାସ ।
ଶୁକ୍ଳ ପକ୍ଷେ ଚନ୍ଦ୍ର ପ୍ରତି ଦିବସରେ
ବଢ଼ଇ ପୂର୍ଣ୍ଣିମା ଯାଏ ।
କୃଷ୍ଣ ପକ୍ଷେ ପୁଣି ଅମାବସ୍ୟା ଯାଏ
ଅଳ୍ପେ ଅଳ୍ପେ ଛିଡ଼ୁଥାଏ ।

ଦ୍ୱାଦଶ ମାସରେ ଛଅ ଋତୁ ହୁଏ
କେ କହିପାରିବ କହ ।
ଗ୍ରୀଷ୍ମ, ବର୍ଷା, ଶରତ୍, ଶିଶିର ହେମନ୍ତ,
ବସନ୍ତ ଋତୁ ଏ ଛଅ ।

ଗ୍ରୀଷ୍ମେ ବୈଶାଖ, ଜ୍ୟେଷ୍ଠ ମାସ । ପ୍ରଚଣ୍ଡ ରୌଦ୍ର ପରକାଶ ।
ବର୍ଷାରେ ଅଷାଢ଼, ଶ୍ରାବଣ । ମେଘ ବରଷେ ଘନ ଘନ ।
ଭାଦ୍ର, ଅଶ୍ୱିନ ଶରତରେ । ନିର୍ମଳ ଶୋଭା ଜଗତରେ ।
ହିମେ କାର୍ତ୍ତିକ, ମାର୍ଗଶିର । ରାତିରେ ପଡ଼ଇ ଶିଶିର ।
ଶୀତରେ ପୌଷ, ମାଘ ମାସ । ଦେହରେ ରଖ ଶୀତବାସ ।
ଫାଲ୍ଗୁନ, ଚୈତ୍ର ବସନ୍ତରେ । ମୃଦୁମଳୟ ମନ ହରେ ।
ବାରମାସର କଥା ଏହି । ହେଜ ବାଳକେ ମନ ଦେଇ ।


ବୃକ୍ଷ ବୀଜରୁ ଜାତ ହୁଏ । ବଟ ବୃକ୍ଷର ବୀଜ କେଡ଼େ କ୍ଷୁଦ୍ର । ଦେଖ କେଡ଼େ କ୍ଷୁଦ୍ର ବୀଜରୁ କେଡ଼େ ବଡ଼ ବୃକ୍ଷ ଜନ୍ମଇ । ସଂସାରରେ କେତେ



ପ୍ରକାର ବୃକ୍ଷ ଅଛି । ବଟ, ଅଶ୍ୱତ୍ଥ, ନାରକେଳ, ଆମ୍ବ, ତାଳ, ଶାଳ, ପିଆଶାଳ, ଅସନ, ଦେବଦାରୁ ପ୍ରଭୃତି ଶତ ଶତ ପ୍ରକାର ବଡ଼ ବୃକ୍ଷଅଛି । ମାଧବୀ, ମାଳତୀ, ନଆଳୀ, ଅପରାଜିତା ପ୍ରଭୃତି ଲଟାନ୍ତି, ଅର୍ଥାତ୍ ଲଟାଇ ଲଟାଇ ମାଡ଼ି ଯାଆନ୍ତି ବୋଲି ସେମାନଙ୍କୁ ଲତା ବୋଲାଯାଏ । ଶତ ଶତ ପ୍ରକାର ଲତା ଅରଣ୍ୟରେ ଦେଖାଯାଏ । ମନୁଷ୍ୟମାନେ ନାନାପ୍ରକାର ଚାଷ କରନ୍ତି, ଯଥା, ଆଖୁ, ଧାନ, ମୁଗ, ହରଡ଼, ଗହମ, ବୁଟ, ବ୍ରୀହି, ଯବ ଇତ୍ୟାଦି ।

ଆମ୍ଭ ଗ୍ରାମର କୃଷକମାନେ ସେମାନଙ୍କର ଧାନଜମି ସବୁ ହଳ କରି ସାରିଲେଣି । ଆଜି ଚାଷିମାନେ ଧାନ ବୁଣିବେ । ଆସ ଦେଖିବାକୁ ଯିବା । ଯେଉଁ ଧାନ ବୁଣାଯାଏ ତାହାକୁ ବିହନ ବୋଲନ୍ତି । ବିହନ ବୁଣି ସାରି କୃଷକମାନେ ଜମି ଉପରେ ମଇ ଦେଇ ତାହାକୁ ଚିକଣ କରି ଦିଅନ୍ତି । ବିହନ ବୃଷ୍ଟିଜଳ ଓ ରୌଦ୍ର ପାଇ ପୁଷ୍ଟ ହୋଇ ଧାନ ଗଛ ହେବ । ଧାନ ଗଛରେ ଧାନ ଫଳିଲେ; କୃଷକମାନେ ଆନନ୍ଦରେ ଧାନ ଅମଳ କରିବେ ।


———



ମତ୍ସ୍ୟମାନେ ଜଳରେ ବାସ କରନ୍ତି । ସେମାନଙ୍କୁ ଜଳରୁ କାଢିଆଣିଲେ ସେମାନେ

ଅଳ୍ପକ୍ଷଣ ମଧ୍ୟରେ ମରି ଯିବେ । ମତ୍ସ୍ୟମାନଙ୍କର ପାଦ ନାହିଁ । ସେମାନଙ୍କ ଲାଞ୍ଜ ଓ ଡେଣା ଥିବାରୁ ସେମାନେ ଲାଞ୍ଜ ଓ ଡେଣା ସାହାଯ୍ୟରେ ସନ୍ତରଣ କରନ୍ତି । ଅଧିକାଂଶ ମତ୍ସ୍ୟମାନଙ୍କ ଦେହରେ ଶଲ୍କ ବା କାତି ଥାଏ । ମତ୍ସ୍ୟମାନେ ଅଣ୍ଡା ବା ଡ଼ିମ୍ବରୁ ଜାତ ।

ତୁମ୍ଭେ ମହୁମାଛିମାନଙ୍କର ମହୁବସା ଦେଖିଅଛ କି ? ମହୁବସା



ଭିତରେ କ୍ଷୁଦ୍ର କ୍ଷୁଦ୍ର କେତେ କୋଠରି ଅଛି । ସବୁ କୋଠରି-ଗୁଡ଼ିକର ଆକାର ଓ ଆୟତନ ସମାନ । ମହୁମାଛିମାନେ ପୁଷ୍ପମାନ-ଙ୍କରୁ ମଧୁ ଆଣି ସେହି କୋଠରି-ମାନଙ୍କରେ ମଧୁ ସଞ୍ଚୟ କରି ରଖନ୍ତି । ଦେଖ, କିପରି କୌଶଳରେ ମଧୁଚକ୍ର ବା ମହୁବସା ନିର୍ମିତ ହୋଇ-ଅଛି । ମଧୁ ମିଷ୍ଟ ଓ ହିତକାରୀ । ମହୁମାଛିମାନେ ଅତ୍ୟନ୍ତ ପରିଶ୍ରମୀ । ମଧୁମକ୍ଷିକା ପରି ପରିଶ୍ରମ କର ଓ ସଞ୍ଚୟ କର ।

ଓଃ ଆଜି କାଲି ଗୃହଅଗ୍ରେ ମାଛି ଭଣଭଣ ହେଉଅଛନ୍ତି । ଖାଇଲା



ବେଳେ ମାଛି, ଶୋଇଲା ବେଳେ ମାଛି, ମନୁଷ୍ୟଙ୍କୁ ବିରକ୍ତ କରୁଅଛନ୍ତି । ମାଛିକୁ ଧରିବା ସହଜ ନୁହେ । ତାହାର ଛଅଟା ଗୋଡ଼, ଦୁଇଟା ଡେଣା ଏବଂ ଅନେକ ଗୁଡ଼ାଏ ଚକ୍ଷୁ ଅଛି । ମକ୍ଷିକା ବା ମାଛି ଅତି-ଶୟ ବେଶି ହେଲେ ବିରକ୍ତି-କର ହୁଅନ୍ତି ସତ୍ୟ, କିନ୍ତୁ ସେମାନଙ୍କ ଦ୍ୱାରା କେତେକ ଉପକାର ମଧ୍ୟ ସାଧିତ ହୁଏ । ସେମାନେ ଘର ଗୃହ-ଅଗ୍ରେ ପଡ଼ିଥିବା ପଚା ସଢ଼ା ଦ୍ରବ୍ୟ ସବୁ ଖାଇ ପକାନ୍ତି । ସେମାନେ

ତାହା ନ ଖାଇଲେ ଘରର ବାୟୁ ଦୂଷିତ ହୋଇ ନାନା ପୀଡ଼ା ଜନ୍ମାଇବ ।



ପକ୍ଷିମାନେ କି ସୁନ୍ଦର ବସା ନିର୍ମାଣ କରନ୍ତି । କାଠି, କୁଟା, ଶୁଷ୍କପତ୍ର, ରୋମ ପ୍ରଭୃତି ନେଇ ପକ୍ଷିମାନେ ତାହାଦ୍ୱାରା ବସା ନିର୍ମାଣ କରନ୍ତି । ଏକ ଏକ ଜାତି ପକ୍ଷୀ ଏକ ଏକ ପ୍ରକାର ବସା ନିର୍ମାଣ କରନ୍ତି । ପକ୍ଷିମାନେ ବସା ମଧ୍ୟରେ ଡିମ୍ବ ରଖି, ଡିମ୍ବଗୁଡ଼ିକ ବାରମ୍ବାର ଉଷୁମା-ଇଲେ, ଡିମ୍ବ ମଧ୍ୟରୁ ପକ୍ଷିଶାବକ ବାହାରନ୍ତି ।



ଶାବକମାନେ ଡିମ୍ବରୁ ବାହାରିଲା କ୍ଷଣି ଉଡ଼ି ପାରନ୍ତି ନାହିଁ । ସେମାନଙ୍କର ବାପ ମା ସେମାନଙ୍କୁ ଅତି ଯତ୍ନରେ ଖୁଆଇ ରକ୍ଷା କରନ୍ତି । ଏହି ପ୍ରକାରେ କ୍ରମେ କ୍ରମେ ସବଳ ହୋଇ ଶାବକମାନେ ଆକାଶରେ ଉଡ଼ିବାକୁ ଶିଖନ୍ତି ।

ସୁନ୍ଦର ସଂସାର ।

ଆକାଶ ଦିଶେ କି ସୁନ୍ଦର,
ତାହାକୁ ରଚିଲେ ଈଶ୍ୱର ।
ଉଜ୍ଜ୍ୱଳ ସୂର୍ଯ୍ୟ, ଚନ୍ଦ୍ର, ତାରା,
ନୀଳ ସମୁଦ୍ର ଶ୍ୟାମ ଧରା ।
ପର୍ବତ, ନଦୀ, ତରୁମାନ,
ସୃଜିଲେ ପ୍ରଭୁ ଭଗବାନ ।

ନାନାବର୍ଣ୍ଣର ଫୁଲ ଫଳ,
ବୃକ୍ଷର ପଲ୍ଲବ କୋମଳ ।
ମନୁଷ୍ୟ, ପଶୁ, ପକ୍ଷୀ ଆଦି,
ସକଳ ସୃଜିଲେ ଅନାଦି ।
ତାହାଙ୍କ ଆଜ୍ଞାରେ ପବନ,
ସର୍ବତ୍ର କରେ ବିଚରଣ ।
ଅଗ୍ନି ତାଙ୍କର ଆଦେଶରେ,
ଉତ୍ତାପ, ତେଜ ଦାନ କରେ
ଈଶ୍ୱର ଦୟାର ସାଗର,
ତାଙ୍କର ମହିମା ଅପାର ।

ପରମେଶ୍ୱର ।

ଯାହା ମୁଁ କରଇ ଯାହା ମୁଁ କହଇ,
ଯାହା ମୁଁ ଚିନ୍ତଇ ମନେ ।
ଜଗତର କର୍ତ୍ତା ପରମ-ଈଶ୍ୱର
ଜାଣୁଛନ୍ତି ପ୍ରତିକ୍ଷଣେ ।
ମୋ ପାଶେ ଅଛନ୍ତି ଦିବସ ରଜନୀ
ମହାପ୍ରଭୁ ପରାତ୍ପର ।
ଏ କଥା ସୁମରି ହୃଦୟେ ତାହାଙ୍କୁ
ପୂଜିବି ମୁଁ ନିରନ୍ତର ।

ସ୍ତବ ।

ହେ ସୁନ୍ଦର ଅହା ହେ ଆନନ୍ଦମୟ
ଏହି ବିଶାଳ ସଂସାର ।

ଧନ୍ୟ ମହାପ୍ରଭୁ ମହିମା ତୁମ୍ଭର
ଅଟେ ଅନନ୍ତ ଅପାର ।
ସୂର୍ଯ୍ୟ ଚନ୍ଦ୍ର ତାରା ତୁମ୍ଭର ଆଜ୍ଞାରେ
ବରଷନ୍ତି ଜ୍ୟୋତିରାଶି ।
ତୁମ୍ଭର କୁସୁମ ପ୍ରତି ପ୍ରଭାତରେ
ହସଇ ଆନନ୍ଦେ ଭାସି ।
ପିତା ମାତା ବନ୍ଧୁ ଭାଇ ଭଗିନୀର
ହୃଦୟେ ଦେଇଛ ପ୍ରୀତି ।
ତେଣୁ ମୁଁ ସଂସାରେ ରହୁଛି ଆନନ୍ଦେ
ସୁଖ ଭୁଞ୍ଜି ନିତି ନିତି ।
ଦିଅ ଭକ୍ତି ପ୍ରଭୁ ହୃଦୟେ ମୋହର
ବିରାଜ ନିତ୍ୟ ତହିଁରେ ।
ସତ୍ୟପଥେ ରହି ତୁମ୍ଭର ଆଶ୍ରାରେ
ଯାଉ ମୋ ଦିନ ମହୀରେ ।

—०:०:०—

ପ୍ରଭାତ ।

ପାହିଲା ଅନ୍ଧାର ରଜନୀ ଉଠ ଉଠ ବାଳକେ,
ନବୀନ ପ୍ରଭାତ ସମୟ ଏବେ ଗାଅ ପୁଲକେ ।
ଦଶଦିଗ ଦେଖ ଉଜ୍ଜ୍ୱଳ ପାଇ ରବିକିରଣ,
ଫୁଲ ଫୁଟିଅଛି କାନନେ ଧୀରେ ବହେ ପବନ ।
ଥିଲେ ଅଚେତନ ନିଦ୍ରାରେ ସର୍ବେ ଧରଣୀବାସୀ,
କି ମନ୍ତ୍ର ପଢିଲା ପ୍ରଭାତ କେଉଁ ଦେଶରୁ ଆସି ।

ନବପ୍ରାଣ ଲଭି କ୍ଷଣକେ ଜାଗି ଉଠିଲେ ସର୍ବେ ,
ଆକାଶ ପୃଥିବୀ ପୂରିଲା ମହା ଆନନ୍ଦରବେ ।
ବିହଙ୍ଗେ ଗାଇଲେ ସଙ୍ଗୀତ ଅହା କି ମନୋହର ,
ସେ ଗୀତ ଶ୍ରବଣେ ହୃଦୟ ନାଚ ଉଠେ ମୋହର ।
ବିହଙ୍ଗ ସଙ୍ଗୀତେ ବାଳକେ ଗାଅ ଆନନ୍ଦ ମନେ ,
ହୃଦୟେ ସୁମର ଜଗତ-ପିତା ସୃଷ୍ଟିକାରଣେ ।

ସନ୍ଧ୍ୟା ।

ପଶ୍ଚିମ ଦିଗରେ ବୁଡ଼ଇ ରବି ,
ଅହା କି ସୁନ୍ଦର ଲୋହିତ ଛବି ।
ପଶ୍ଚିମ ଆକାଶ ସିନ୍ଦୂରମୟ ,
ଦେଖିଲେ ପ୍ରଫୁଲ୍ଲ ହୁଏ ହୃଦୟ ।
କ୍ରମେ ଅନ୍ଧକାର ଆସଇ ଘୋଟି ,
ଉଇଁଲେଣି ତାରା ଗୋଟିକି ଗୋଟି ।
ଚରା ସାରି ପକ୍ଷୀ ଆକାଶେ ଉଡ଼ି ,
ବସାକୁ ଆନନ୍ଦେ ଗଲେ ବାହୁଡ଼ି ।
ହଳକାମ ସାରି କୃଷକମାନେ ,
ଫେରି ଯାଉଛନ୍ତି ଦିନାବସାନେ ।
ବାଳକେ ଆସିଲେ ପାଠଶାଳାରୁ ,
ହସହସ ମୁଖ ଦିଶେ ସୁନ୍ଦରୁ ।
ଲଗାଇଲେ ସନ୍ଧ୍ୟାଦୀପ ଘରଣୀ ,
ଅନ୍ଧକାରେ ବୁଡ଼ିଗଲା ଧରଣୀ ।

ସମାପ୍ତ ।

